
THE SUNDAY SECTION OF NITIDIN

NITIDIN
ନିତିଦିନ
# ନଜର

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୨୬ ଜୁଲାଇ ୨୦୨୬

ମନୋରଞ୍ଜନ

‘ଶ୍ରୀ ଜଗନ୍ନାଥ, ଓ ପାଞ୍ଚ-ଭକ୍ତ’
ପୋଷ୍ଟର ଉନ୍ମୋଚିତ



## ବାଲିଚଢାରୁ କ୍ଷେପଣାସ୍ତ୍ର ଘାଟି

# କାଲାମ୍ ଆଇଲ୍ୟାଣ୍ଡ



## ଦିବ୍ୟ ଜନନୀ ସାରଦା (୧)

■ ମନୋଜ କୁମାର ମହାପାତ୍ର

# ବିଶ୍ୱ ମାନଚିତ୍ରରେ ଜୟରାମବାଟି

୧୮୫୩ ଖ୍ରୀଷ୍ଟାବ୍ଦ ଡିସେମ୍ବର ୨୨ ତାରିଖ ଗୁରୁବାର ଦିନଟି ଥିଲା ପୌଷ ମାସର ଅଷ୍ଟମୀ ତିଥି। ପୌଷ ମାସ ମା' ଲକ୍ଷ୍ମୀଙ୍କର ମାସ। ରାମଚନ୍ଦ୍ର ମୁଖାର୍ଜୀଙ୍କ ଘରୁ ହଠାତ୍ ଶଙ୍ଖନାଦ ଭାସି ଆସିଲା। କାରଣ ତାଙ୍କ ପତ୍ନୀ ଶ୍ୟାମାସୁନ୍ଦରୀ ଦେବୀ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଏଭଳି ଏକ ଘଡ଼ିସନ୍ଧି ମୂହୂର୍ତ୍ତରେ ଶିଶୁଟିର କୁଆଁ କୁଆଁ କ୍ରନ୍ଦନରେ କେବଳ ଜୟରାମବାଟି ନୁହେଁ, ସମଗ୍ର ଧରିତ୍ରୀ ପୁଲକିତ ହୋଇଥିଲା। କାଳରାତ୍ରିର ମୋହନିଦ୍ରାର ବକ୍ଷ ବିଦାରି ମାତୃଶକ୍ତିର ଏହି କ୍ରନ୍ଦନ ସମସ୍ତ ମନୁଷ୍ୟ ହୃଦୟରେ ପ୍ରଜ୍ୱଳିତ କଲା ଆଶାର ପ୍ରଦୀପ। ଜୟରାମବାଟି ଗ୍ରାମ ଘନ ଅନ୍ଧକାର ଭିତରେ ଚାହିଁଲା ନିଷ୍ପ୍ରଭ ଆଲୋକରେ ଚକ୍‌ମକ୍ କରୁଥିବା ଏହି ଶିଶୁକନ୍ୟାକୁ। ତେବେ ଗ୍ରାମର ପ୍ରାକୃତିକ ଦୃଶ୍ୟ ଥିଲା ଅତି ମନୋହର। ତାଳବୃକ୍ଷ ବେଷ୍ଟିତ ବାଡୁଜ୍ୟ ପୁକୁର ଗ୍ରାମ ପୁଷ୍କରିଣୀ। ଏହି ପୁଷ୍କରିଣୀଟି ଜୟରାମବାଟି ଗ୍ରାମର ଦକ୍ଷିଣ ଦିଗରେ ଅବସ୍ଥିତ। ଏହାର ଅନତି ଦୂରରେ ଆମୋଦର ନଦୀ ପ୍ରବାହିତ ହେଉଥିଲା। ଗ୍ରାମକୁ ଘେରି ରହିଥିଲା ସବୁଜ, ଶ୍ୟାମଳ ଶସ୍ୟକ୍ଷେତ, ଅନେକ ଗଛ ବୃକ୍ଷ ଓ ଛୋଟ ଛୋଟ ଗାଁ। କେଉଁ ଆବହମାନ କାଳରୁ ସବୁ ଦେବାଦେବୀଙ୍କର ପୂଜାର୍ଚ୍ଚନା ସେଠାରେ ଅନୁଷ୍ଠିତ ହୋଇଆସୁଥିଲା। ଏହିଭଳି ଏକ ଆଧ୍ୟାତ୍ମିକ ପରିବେଶକୁ କୋଳେଇ ନେଇଥିଲା ଜୟରାମବାଟି ଗ୍ରାମ।

ଜୟରାମବାଟି ଗ୍ରାମର କିୟତ ଦୂରରେ ଥିଲା ଶିହର ଗ୍ରାମ। ସେହି ଗ୍ରାମର ଶ୍ରୀ ହରିଦାସ ମଜୁମଦାରଙ୍କ କନ୍ୟା ଶ୍ୟାମାସୁନ୍ଦରୀଙ୍କୁ ବିବାହ କରିଥିଲେ ଶ୍ରୀ ରାମଚନ୍ଦ୍ର ମୁଖାର୍ଜୀ। ରାମଚନ୍ଦ୍ର ମୁଖାର୍ଜୀ ଥିଲେ ଜଣେ ସତ୍ୟନିଷ୍ଠ ପୁରୁଷ ଓ ଭଗବାନ ଶ୍ରୀରାମଙ୍କ ଭକ୍ତ। ସେ ଜୟରାମବାଟିରେ ପୁରୋହିତ କର୍ମକୁ ପାଥେୟ କରି ଜୀବିକା ନିର୍ବାହ କରୁଥିଲେ। ପତ୍ନୀ ଶ୍ୟାମାସୁନ୍ଦରୀ ଦେବୀ ଥିଲେ ଜଣେ ଅତ୍ୟନ୍ତ ଧର୍ମପରାୟଣା ମହିଳା। ବିବାହ ପରେ ଶ୍ରୀ ରାମଚନ୍ଦ୍ର ମୁଖାର୍ଜୀ ଅର୍ଥ ଉପାର୍ଜନ ପାଇଁ କଲିକତା ଅଭିମୁଖେ ଯାତ୍ରା କରୁଥିବା ବେଳେ ନିଦ୍ରାବସ୍ଥାରେ ଏକ ସ୍ୱପ୍ନ ଦେଖିଥିଲେ - ସୁନା ରଙ୍ଗର ଗୌରବର୍ଣ୍ଣ ଝିଅଟିଏ ଦୌଡ଼ି ଆସି ତାଙ୍କ ଗଳାରେ ଝୁଲି ପଡ଼ିଲା। ବହୁମୂଲ୍ୟ ଅଳଙ୍କାରରେ ସଜ୍ଜିତ ହୋଇଥିବା ଝିଅଟି ହସି ହସି ତାଙ୍କୁ ସୁଲଳିତ କଣ୍ଠରେ କହୁଥିଲା- 'ତୁମ ପାଇଁ ମୁଁ ଏଠାକୁ ଚାଲି ଆସିଛି।' ସେପଟେ ସ୍ୱାମୀଙ୍କର କଲିକତା ଯାତ୍ରା ପରେ ଶ୍ୟାମାସୁନ୍ଦରୀ ଦେବୀ କିଛିଦିନ ପାଇଁ ଶିହରସ୍ଥ ପିତ୍ରାଳୟକୁ ଚାଲିଯାଇଥିଲେ। ସେଠାରେ କୌଣସି କାର୍ଯ୍ୟ ପାଇଁ ଦିନେ ସେ କୁମ୍ଭାରଶାଳକୁ ଯାଇଥିଲେ ଯେଉଁଠାରେ ଏକ ବେଲଗଛ ତଳେ କୁମ୍ଭାରର ଚୁଲି ଜଳୁଥିଲା। ଏହି ସମୟରେ ଘଟିଥିଲା ଏକ ଅଦ୍ଭୁତ ଘଟଣା। କୁମ୍ଭାରର ଚୁଲି ଥିବା ଦିଗରୁ ଛୁଟି ଆସିଥିଲା ଝମ୍‌ଝମ୍ ଶବ୍ଦ। ବେଲଗଛ ଶାଖାରୁ ଛୋଟ ଝିଅଟିଏ ଓହ୍ଲାଇ ତା'ର କୋମଳ ଦୁଇ ହାତରେ ଶ୍ୟାମାସୁନ୍ଦରୀ ଦେବୀଙ୍କ କଣ୍ଠକୁ ଧରି ତାଙ୍କ ପୃଷ୍ଠଭାଗରେ ଝୁଲିପଡ଼ିଲା। ଏପରି ବିସ୍ମୟକର ଦୃଶ୍ୟ ଦେଖି ସେ ଚେତାଶୂନ୍ୟ ହୋଇଗଲେ ଓ ସେହି ଦିନ ଠାରୁ ସେ ଝିଅଟି ତାଙ୍କ ଗର୍ଭରେ ପ୍ରବେଶ କରିଥିବାର ଅନୁଭବ କରିଥିଲେ ଶ୍ୟାମାସୁନ୍ଦରୀ ଦେବୀ।

ତେବେ ଏହି କନ୍ୟାଟି ସାଧାରଣ କନ୍ୟା ନଥିଲା। ସେ ଥିଲେ ଅସାଧାରଣ ଦେବତ୍ୱର ଏକମାତ୍ର ରୂପ, ମା' ଲକ୍ଷ୍ମୀଙ୍କର ଚଳନ୍ତି ପ୍ରତିମା। ପରମ୍ପରା ଅନୁସାରେ ଜ୍ୟୋତିଷଙ୍କୁ ଡ଼କାଯାଇଥିଲା। ନକ୍ଷତ୍ର, ରାଶି ଓ ଗ୍ରହର ଅବସ୍ଥିତି ଗଣନା କରି ଜ୍ୟୋତିଷ କନ୍ୟାଟିର ନାମ ଦେଇଥିଲେ 'ଠାକୁରମଣି'। ଏହା ଥିଲା ତାଙ୍କର ଜ୍ୟୋତିଷ ଗଣନା ସମ୍ଭୂତ ନାମ। ପରେ 'କ୍ଷେମାଙ୍କରୀ' ଏବଂ 'ସାରଦାମଣି' ଭଳି ଦୁଇଟି ନାମରେ ତାଙ୍କର ନାମକରଣ କରାଯାଇଥିଲେ ମଧ୍ୟ 'ସାରଦାମଣି' ନାମଟି ସମସ୍ତଙ୍କର ପ୍ରିୟ ନାମ ହୋଇଯାଇଥିଲା। ସାରଦାମଣି ଥିଲେ ଜ୍ଞାନଦାତ୍ରୀ ସରସ୍ୱତୀ, ସେ ଥିଲେ ମାତୃଶକ୍ତି। ତେଣୁ ତିନୋଟି ନାମ ମଧ୍ୟରୁ 'ସାରଦାମଣି' ନାମଟି ବେଶ୍ ଆଦୃତ ହୋଇଥିଲା। (କ୍ରମଶଃ)

ମୋ-୯୯୩୭୨୯୭୦୩୯





# ଶ୍ରୀଜଗନ୍ନାଥଙ୍କ ମାଉସୀ

ଡଃ. ଅରୁନ୍ଧତୀ ଦେବୀ

ଶ୍ରୀଜଗନ୍ନାଥଙ୍କୁ ଶ୍ରେଷ୍ଠ ଦେବତାଭାବେ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ତାଙ୍କୁ ଜଣେ ସାଧାରଣ ମଣିଷ ଭାବରେ ଚିତ୍ରଣ କରାଯିବା ଜଗନ୍ନାଥ ତତ୍ତ୍ୱର ଏକ ବିଶେଷତ୍ୱ। ଦେବତା ହିସାବରେ ସେ ଯେଭଳି ସମଗ୍ର ଜଗତର ନାଥ, ଶ୍ରେଷ୍ଠ ମଣିଷ ଭାବରେ ମଧ୍ୟ ସେ ସୁପୁରୁଷ ତଥା ପୁରୁଷୋତ୍ତମ। ମଣିଷ ହିସାବରେ ତାଙ୍କ ଠାରେ ଅଭିଭାବକତ୍ତ୍ୱ, ସ୍ୱାମୀତ୍ୱ, ତଥା ନାଥତ୍ୱ ଯେତିକି ଆରୋପ କରାଯାଏ, ସେତିକି, ବରଂ ତଦପେକ୍ଷା ବେଶୀ ମାତ୍ରାରେ, ତାଙ୍କୁ ସଖା, ଭ୍ରାତା ବା ବନ୍ଧୁଭାବରେ ଗ୍ରହଣ କରାଯାଏ। ଅନ୍ୟାନ୍ୟ ଦେବ ମନ୍ଦିରକୁ ଯିବା ପାଇଁ ଯେଭଳି ବିଭିନ୍ନ ବିଧି-ନିଷେଧ ଓ ବାରଣ ରହିଅଛି, ଏଠାରେ ସେଭଳି ବିଶେଷ କିଛି ନାହିଁ। ଯାହା କିଛି ରହିଛି, ତାହା କେବଳ ପବିତ୍ରତା, ଶୁଦ୍ଧତାର ସୁରକ୍ଷା ନିମିତ୍ତ ଉଦ୍ଦିଷ୍ଟ। ଜଗନ୍ନାଥ ମନ୍ଦିରକୁ ଦର୍ଶକ ଯେତେବେଳେ ଯେ କୌଣସି ଅବସ୍ଥାରେ ଯିବାରେ ବାଧା ନାହିଁ। କାରଣ ସେ ବନ୍ଧୁ ଅଟନ୍ତି। ବନ୍ଧୁ ସହ ସାକ୍ଷାତ ପାଇଁ ସ୍ଥାନ କାଳର କି ବାରଣ ରହିପାରେ। ସେଥିପାଇଁ 'ଅପବିତ୍ରୋ ପବିତ୍ରୋ ବା ସର୍ବବସ୍ଥାଂଗତୋଦ୍ଧପି' ନିୟମ ପ୍ରଚଳିତ ଅଛି। ଏହି ପ୍ରସଙ୍ଗରେ ଡକ୍ଟର ବେଣୀମାଧବ ପାଢ଼ୀଙ୍କ ମନ୍ତବ୍ୟ ପ୍ରଣିଧାନ ଯୋଗ୍ୟ।

'ଯଦି କେହି ଆତ୍ମୀୟ ପଥଶ୍ରାନ୍ତ ହୋଇ ବନ୍ଧୁ ଘରେ ଆସି ପହଞ୍ଚିଥାଏ, ସେତେବେଳେ ପରସ୍ପର ବାହୁ ପ୍ରସାରିତ କରି ଜଣେ ଜଣକୁ ଆଲିଙ୍ଗନ କରିବା ଭାରତୀୟ ସଂସ୍କୃତି ବା ଶିଷ୍ଟାଚାର ଏ କଥା ସମସ୍ତେ ଜାଣନ୍ତି। ଏଣୁ ଯେତେବେଳେ ପଥଚାରୀ ଉପାସକ ଜଗନ୍ନାଥଙ୍କ ଦେଉଳ ଭିତରେ ପଶିଯାଏ, ତାର ବହୁ ଆକାଂକ୍ଷିତ ବନ୍ଧୁ ଜଗବନ୍ଧୁଙ୍କୁ ଦୁଇ ଆଖିରେ ହଠାତ୍ ଦେଖିପକାଏ, ସେତେବେଳେ ସେ ନିର୍ମିମେଷ ନୟନରେ ସିଂହାସନ ପଟକୁ ଆଗେଇଯାଏ ଏବଂ ଭାବ ବିହ୍ୱଳ ହୋଇ ଦେବତାଙ୍କୁ କୁଣ୍ଢେଇ ପକାଏ। ଆଉ ସେତେବେଳେ ଉପାସ୍ୟ ଓ ଉପାସକ ଭେଦଜ୍ଞାନ ରହେନାହିଁ। ଉପାସକର ତନ୍ମୟତା ସେ କାଳରେ ତାକୁ ସାଯୁଜ୍ୟ ମୁକ୍ତିର ଅଧିକାର କରାଇଥାଏ। ସେତେବେଳେ ଦେବତା ମଣିଷ, ଭକ୍ତ ଭଗବାନ କିମ୍ବା ଦାସ - ପ୍ରଭୁର ଆଉ ଭାବ ବିଚାର ଭେଦ ନଥାଏ। ସମସ୍ତେ ଏକାକାର, ସମସ୍ତେ ସମାନ।' କଥାରେ କହନ୍ତି ମା କିଏ ମାଉସୀ କିଏ ! ଆଉ ଇଏ ଶ୍ରୀଜଗନ୍ନାଥଙ୍କ ମାଉସୀ । ନାମ ଅର୍ଦ୍ଧାଶିନୀ ବା ଅର୍ଦ୍ଧଶୋଷଣୀ । ବାସ ସେଇ ଶ୍ରୀକ୍ଷେତ୍ର । କୀର୍ତ୍ତି ବି କିଛି କମ୍ ନୁହେଁ, ପ୍ରଳୟ ଜଳରୁ ଅର୍ଦ୍ଧେକ ଭକ୍ଷଣ କରି ସେ ମହିୟସୀ । ବାସ୍ ଏତିକିରେ ସରୁନାହିଁ ତାଙ୍କ କଥା । ସେ ଦେଖିବାକୁ ସାକ୍ଷାତ କାମ୍ପିଲ୍ୟ ବାସିନୀ ମା ସୁଭଦ୍ରାଙ୍କ ଭଳି । ଶ୍ରୀକ୍ଷେତ୍ରର ଅଷ୍ଟଶକ୍ତିଙ୍କ ମଧ୍ୟରେ ଅନ୍ୟତମ । ଅର୍ଦ୍ଧାଶିନୀ ଦ୍ୱିଭୁଜା, ଅଭୟ ମୁଦ୍ରାରେ ବିଭୂଷିତା । ମାଉସୀ ମା'ଙ୍କ ମନ୍ଦିର ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡର ମଧ୍ୟବର୍ତ୍ତି ସ୍ଥାନରେ ଅବସ୍ଥିତ । ବାହୁଡ଼ା ଯାତ୍ରା ସମୟରେ ମାଉସୀ ମା ମନ୍ଦିରର ମହାପ୍ରଭୁଙ୍କୁ ପୋଡ଼ ପିଠା ଭୋଗ କରାଯାଏ । ମାଦଳାପାଞ୍ଜି ଅନୁଯାୟୀ ବଟକେଶରୀ ଏହାକୁ ନିର୍ମାଣ କରିଥିଲେ ।



ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦




ଅଶୋକ କୁମାର ପଣ୍ଡା

## ବାଲିଚଢ଼ାରୁ କ୍ଷେପଣାସ୍ତ୍ର ଘାଟି

# କାଲାମ୍ ଆଇଲ୍ୟାଣ୍ଡ

ସାଳନ୍ଦୀ, ବୈତରଣୀ, ଖରସ୍ରୋତା, ମନ୍ତେଇ ପରି ନଦୀ ଆସି ଧାମରା ମୁହାଣରେ ବଙ୍ଗୋପସାଗରରେ ମିଶିଛନ୍ତି । ସେମାନଙ୍କ ଜଳସ୍ରୋତରେ ବାହିତ ବାଲି ଓ ପଟୁମାଟି ଦ୍ୱାରା ମୁହାଣ ନିକଟରେ କିଛି ବାଲିଦ୍ୱୀପ, ସ୍ଥାନୀୟ ଭାଷାରେ ଚଢ଼ା (ଚଡା)ସୃଷ୍ଟି ହୋଇଛି । ଚଢ଼ାମାନଙ୍କରେ ଜନବସତି ନାହିଁ। ଏହିପରି କେତେକ ବାଲିଦ୍ୱୀପ ଧାମରା ଉପକୂଳରେ ଓଡିଶା ସୀମାରେ ଭଦ୍ରକ ଜିଲ୍ଲା, ଚାନ୍ଦବାଲି ବ୍ଲକ ତଥା ଚାନ୍ଦବାଲି ତହସିଲ ଅଧୀନରେ ରହିଛି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଭିନ୍ନ ଡାକ ନାମରେ ଚଢ଼ାଗୁଡିକ ପରିଚିତ । ମୃତ୍ତିକାକ୍ଷୟ କାରଣରୁ ପ୍ରତିବର୍ଷ ଚଢ଼ାର ଆକାରର ପରିବର୍ତ୍ତନ ହେଉଛି । କେତେକ ବଢୁଥିବା ବେଳେ କେତେକ ଛିଡୁଛନ୍ତି । ମୁହାଣରେ ଥିବା ହ୍ୱିଲର ଆଇଲ୍ୟାଣ୍ଡ ୫ଟି ଦ୍ୱୀପର ସମାହାର। ଏକଦା ଏହି ଦ୍ୱୀପଗୁଡିକ ଅଜ୍ଞାତ ଥିବା ବେଳେ ଡିଆରଡିଓର ତତ୍କାଳିନ ନିର୍ଦ୍ଦେଶକ ଡକ୍ଟର ଏପିଜେ ଅବଦୁଲ୍ କଲାମଙ୍କ ଉଦ୍ୟମରେ ବିଶ୍ୱରେ ଏକ ଉତ୍କୃଷ୍ଟ କ୍ଷେପଣାସ୍ତ୍ର ଘାଟି ଭାବରେ ପରିଚିତ ହୋଇଛି। ମିସାଇଲ୍‌ମ୍ୟାନ୍ କଲାମଙ୍କ ସେଦିନର 'ଥିଏଟର ଅଫ୍ ଆକ୍ସନ' ହ୍ୱିଲର ଦ୍ୱୀପ ଆଜି ତାଙ୍କ ସ୍ମୃତିରେ 'ଏପିଜେ ଅବଦୁଲ୍ କାଲାମ୍ ଆଇଲ୍ୟାଣ୍ଡ' ନାମରେ ନାମିତ । ସମୟର ବାଲୁକାବେଳାରେ ନିଜର ପଦଚିହ୍ନ ଛାଡିଯାଇଛନ୍ତି ସେ ।

### ତଥ୍ୟରେ ବାଲିଦ୍ୱୀପ:

୧୯୩୧ ମସିହା ଧାମରା ବନ୍ଦର ସୀମା ନିର୍ଦ୍ଧାରଣ ପାଇଁ ବିହାର ଓଡିଶା ସରକାରଙ୍କ ପକ୍ଷରୁ ପ୍ରକାଶିତ ମ୍ୟାପ୍‌ରେ ଧାମରା ମୁହାଣରେ ୮ଟି ବାଲିଦ୍ୱୀପ ଥିବା ସୂଚନା ଦିଆଯାଇଥିଲା। ସମୁଦ୍ର ମଧ୍ୟରେ ତେନ୍ତୁଳିଆ ଚଢ଼ା, ନଡିଆ ବାଲି ଚଢ଼ା, ବାଳବାଲି ଚଢ଼ା, ବାବୁବାଲି ଚଢ଼ା, ବତିଘର ବାଲି ସହିତ କନିକାବାଲି, ବୁଢିଆ ଚରା ଓ ନୟାଟାପୁ ପରି ଦ୍ୱୀପଗୁଡିକୁ ମ୍ୟାପରେ ସ୍ଥାନିତ କରାଯାଇଛି। ୧୯୮୭ ମସିହାରେ ଓଡିଶା ସରକାର ଚାନ୍ଦବାଲି ତହସିଲ୍ ଅଧୀନସ୍ଥ ସମୁଦ୍ର ମଧ୍ୟରେ ଥିବା ୫ଟି ଦ୍ୱୀପର ପୁନଃ ସର୍ଭେ ପରେ ନକ୍ସା ଓ ଖତିୟାନ ପ୍ରସ୍ତୁତ କରିଥିଲେ। ୧୯୯୩ ମସିହାରେ କଲାମଙ୍କ ଅନୁରୋଧକ୍ରମେ ରାଜ୍ୟ ସରକାର ହ୍ୱିଲର ଦ୍ୱୀପାଞ୍ଚଳକୁ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ (ଡିଆରଡିଓ)କୁ ହସ୍ତାନ୍ତର କରିଥିଲେ ଓ ୧୯୯୪ ମସିହାରେ ନଥିପତ୍ର ସଂଶୋଧନ ପ୍ରକ୍ରିୟା ଶେଷ ହୋଇଥିଲା। ରାଜସ୍ୱ ବିଭାଗ ଭୁଲେଖ ତଥ୍ୟ ଆଧାରରେ ମୋଟ ୨୦ ପ୍ଲଟ୍ ବିଶିଷ୍ଟ ଏହି ଦ୍ୱୀପପୁଞ୍ଜର କ୍ଷେତ୍ରଫଳ ପ୍ରାୟ ୪୬୫.୧ ଏକର। ଏଗୁଡିକ ହେଲା ଏପିଜେ ଅବଦୁଲ୍ କଲାମ୍ ଆଇଲ୍ୟାଣ୍ଡ (୨୬୩.୧୩ଏକର), କକୁଆନଟ୍ ଆଇଲ୍ୟାଣ୍ଡ (୯୭.୫ଏକର), ଲଙ୍ଗ୍ ହ୍ୱିଲର୍ ଆଇଲ୍ୟାଣ୍ଡ (୫୨.୫ଏକର), ସର୍ଟ୍‌ସ ଆଇଲ୍ୟାଣ୍ଡ (୪୧.୨୫ଏକର), ସ୍ମଲ ହ୍ୱିଲର ଆଇଲ୍ୟାଣ୍ଡ (୧୦.୬୩ ଏକର)। ଏଠାରେ ଥିବା ପତିତ ଜମି ୨୦୬.୬୩ ଏକର, ଗ୍ରାମ୍ୟ ଜଙ୍ଗଲ ୪୧.୦୮ ଏକର, ବାଲି ଆଡିଆ ୨୦.୬ ଏକର, ବାଲିଚର ୬୧.୭ ଏକର ଓ ଜଙ୍ଗଲ ୧୩୫ ଏକର ରହିଛି।

### କନିକା ଗସ୍ତର ସ୍ମୃତିରକ୍ଷା:

ସାର୍ ହେନେରି ହ୍ୱିଲର(୧୮୭୦-୧୯୫୦) ୧୯୨୨ରୁ ୧୯୨୭ ମସିହା ପର୍ଯ୍ୟନ୍ତ ବିହାର ଓଡିଶାର ଲାଟ୍ ସାହେବ (ଗଭର୍ଣ୍ଣର) ଥିଲେ। ସେ ସମୟରେ





କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ବିହାର ଓଡିଶା ସରକାରର ଜଣେ ମିନିଷ୍ଟର (ଏକ୍‌ଜିକ୍ୟୁଟିଭ୍ କାଉନସିଲର୍) ଥିଲେ। ହ୍ୱିଲର ତା୧୯।୧୧।୧୯୨୩ରୁ ତା ୨୧।୧୨।୧୯୨୩ ପର୍ଯ୍ୟନ୍ତ ପ୍ରାୟ ୧ ମାସର ସରକାରୀ ଗସ୍ତରେ ଓଡିଶା ଆସିଥିଲେ। ଓଡିଶାର ବିଭିନ୍ନ ଗଡଜାତ, ମୋଗଲବନ୍ଦୀ ଅଞ୍ଚଳ ସହିତ କଟକ ଓ ବାଲେଶ୍ୱର ଜିଲ୍ଲାର କେତେକ ମଫସଲ ଅଞ୍ଚଳ ବୁଲି ଦେଖିଥିଲେ। ବଡଲାଟ୍‌ଙ୍କୁ ଖୁସୀ କରିବା ପାଇଁ ରାଜା ତାଙ୍କୁ କନିକା ନିମନ୍ତ୍ରଣ କରିଥିଲେ । ରାଜାଙ୍କ ନିମନ୍ତ୍ରଣକ୍ରମେ ହ୍ୱିଲର ଡିସେମ୍ବର ୮ ତାରିଖରେ କନିକା ଆସିଥିଲେ । ୧୦ ତାରିଖ ଦିନ କନିକା ମୁହାଣ (ଧାମରା ମୁହାଣ) ଦେଇ ଜଳଯାତ୍ରା କରିବା ସହିତ ସମୁଦ୍ରରେ ଥିବା କନିକା ଇଷ୍ଟେଟ ଅଧୀନସ୍ଥ ଏକ ଦ୍ୱୀପରେ ରାଜାଙ୍କ ସହିତ ବଣଭୋଜି କରିଥିଲେ। ୧୧ ତାରିଖ ଧାମରାରେ ଅବସ୍ଥାନ କରି ଚାନ୍ଦବାଲି ଦେଇ ଭଦ୍ରକ ଯାଇଥିଲେ। ହ୍ୱିଲରଙ୍କ କନିକା




ଗସ୍ତର ସ୍ମୃତିକୁ ମନେ ରଖିବା ପାଇଁ କନିକା ରାଜା ଏହି ଦ୍ୱୀପାଞ୍ଚଳର ନାମ 'ହ୍ୱିଲର ଆଇଲାଣ୍ଡ' ରଖିଥିଲେ । ପରବର୍ତ୍ତୀ ସମୟରେ କନିକାର ରାଜସ୍ୱ ବନ୍ଦୋବସ୍ତରେ ହ୍ୱିଲର ନାମଟି ଲିପିବଦ୍ଧ ହୋଇଥିଲା । ଓଡିଶା ସେଟଲମେଣ୍ଟ ଅଫିସର ଡବ୍ଲ୍ୟୁ. ଡବ୍ଲ୍ୟୁ. ଡଲଜିଏଲଙ୍କ ଓଡିଶା ବନ୍ଦୋବସ୍ତ (୧୯୨୨-୩୨ ମସିହା) ପୃଷ୍ଠା-୧୦୨ରେ ଓଡିଶାର ତତ୍କାଳୀନ ଗଭର୍ଣ୍ଣର (ଲାଟ୍ ସାହେବ)ଙ୍କ ନାମ ଅନୁସାରେ ଦ୍ୱୀପପୁଞ୍ଜ ନାମିତ କଥା ଉଲ୍ଲେଖ କରିଛନ୍ତି ।

## ବିରୋଧ ଯୋଗୁଁ ବିକଳ୍ପ ସନ୍ଧାନ:

୧୯୮୦ ମସିହାରୁ 'ଅଗ୍ନି କ୍ଷେପଣାସ୍ତ୍ର'ର ପରିକ୍ଷଣ ପାଇଁ ଏକ ଉପଯୁକ୍ତ ସ୍ଥାନ ସନ୍ଧାନରେ ଥିଲେ କେନ୍ଦ୍ର ସରକାର । ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରରେ କ୍ଷେପଣାସ୍ତ୍ର ଘାଟି ସ୍ଥାପନ ପରେ ବାଲିଆପାଳରେ ଏକ ଜାତୀୟ ଟେଷ୍ଟରେଞ୍ଜ ପ୍ରତିଷ୍ଠା ପାଇଁ ଯୋଜନା ହେଲା । ଧାନ, ପାନ ଓ ମୀନ ସ୍ଥାନୀୟ ଲୋକଙ୍କର ମୁଖ୍ୟ ବେଉସା । ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ୧୩୦ଟି ଗାଁର ପ୍ରାୟ ୧ଲକ୍ଷ ୩୦ ହଜାର ଲୋକ ପ୍ରଭାବିତ ହେବାର ସମ୍ଭାବନା ଥିଲା । ଲୋକଙ୍କ ବିରୋଧ ଯୋଗୁଁ ଶେଷରେ କେନ୍ଦ୍ର ସରକାର ୧୯୯୫ ମସିହାରେ ସେହି ପ୍ରକଳ୍ପରୁ ସମ୍ପୂର୍ଣ୍ଣ ଓହରିଗଲେ । କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ପୂର୍ବ ଉପକୂଳରେ ଜନମାନବ ଶୂନ୍ୟ ଏକ ବିସ୍ତୀର୍ଣ୍ଣ ଅଞ୍ଚଳ ଖୋଜାପଡିଲା । ନୌସେନାର ଟପୋମ୍ୟାପ୍‌ରୁ ଡିଆରଡିଓର ତତ୍କାଳୀନ ନିର୍ଦ୍ଦେଶକ କଲାମ ପ୍ରସ୍ତାବିତ ବାଲିଆପାଳ କ୍ଷେପଣାସ୍ତ୍ର ଘାଟିର ବିକଳ୍ପ ଭାବେ ଧାମରା ଉପକୂଳରେ ହ୍ୱିଲର ଆଇଲାଣ୍ଡର ତିନୋଟି ଦ୍ୱୀପକୁ ଚିହ୍ନଟ କଲେ । କଲାମଙ୍କ ନିର୍ଦ୍ଦେଶରେ ସହଯୋଗୀ ବୈଜ୍ଞାନିକ ଭିକେ ସାରସ୍ୱତ ଓ ଏସକେ ସାଲୱାନ୍ କ୍ଷେତ୍ରୀୟ ଅନୁଧ୍ୟାନ ପାଇଁ ଧାମରାରେ ପହଞ୍ଚି ଏକ ଘରୋଇ ବୋଟ୍‌କୁ ୨ଶହ ୫୦ ଟଙ୍କା ଭଡାରେ ନେଇ ଏହି ଦ୍ୱୀପରେ ପାଦଦେଲେ । ଗଲାବେଳେ ସମୁଦ୍ରରେ ଦିଗହରା ହେଲେ । କେତେକ ସ୍ଥାନୀୟ ମତ୍ସ୍ୟଜୀବୀ ସେମାନଙ୍କୁ ଦ୍ୱୀପକୁ ରାସ୍ତା ଦେଖାଇଲେ । ଦ୍ୱୀପରେ ପହଞ୍ଚି ସେମାନେ ଏକ ଗଛ ଉପରେ ବାଂଲାଦେଶର ଜାତୀୟ ପତାକା ଲାଗିଥିବାର ଦେଖି ଆଶ୍ଚର୍ଯ୍ୟ ହେଲେ । ପଡୋଶୀ ଦେଶର ମତ୍ସ୍ୟଜୀବୀ ଏଠାକୁ ଆତଯାତ କରୁଥିବାର ଜଣା ପଡିଥିଲା । ସେହି ପତାକାକୁ କାଢିବା ସହ ଦ୍ୱୀପର ବିଭିନ୍ନ ମାପଚୁପ ଓ ପରିକ୍ଷଣ ସାରି ସେଠାରେ ରାତ୍ରଯାପନ କରିଥିଲେ । ଦ୍ୱୀପଟି କ୍ଷେପଣାସ୍ତ୍ର ପରିକ୍ଷଣ ପାଇଁ ଅତ୍ୟନ୍ତ ଉପଯୁକ୍ତ । ପ୍ରତିରକ୍ଷା ବିଭାଗ ଦାୟିତ୍ୱରେ ଥିବା ତତ୍କାଳୀନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓଙ୍କ ସୁପାରିଶ ପରେ ଏହି ଦ୍ୱୀପ ହସ୍ତାନ୍ତର ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଓଡିଶାର ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କୁ ଆବେଦନ କରାଗଲା ।

## ବିଜୁବାବୁ ଓ କଲାମ:

ଆବେଦନ ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ବିଭାଗ ଅଧୀନ ଡିଆରଡିଓକୁ ହ୍ୱିଲର ଆଇଲାଣ୍ଡର ୫ଟି ଦ୍ୱୀପ ହସ୍ତାନ୍ତର କରିବାକୁ ରାଜ୍ୟ ସରକାର ବିଭିନ୍ନ କାରଣ ପାଇଁ ଅରାଜି ଥିଲେ । କଲାମ ଥିଲେ ନଛୋଡବନ୍ଧା ଓ ନିଜେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଜାତୀୟସ୍ତରୀୟ ନେତା ବିଜୁବାବୁଙ୍କୁ ଓଡିଶା ସଚିବାଳୟରେ ଭେଟି ଆଲୋଚନା କରିବାକୁ ଚାହିଁଲେ । ସେତେବେଳେ ଦ୍ୱୀପ ହସ୍ତାନ୍ତର ସମ୍ପର୍କିତ ଫାଇଲଟି ବିଜୁବାବୁଙ୍କ ଟେବୁଲ୍‌ରେ ଅନୁମୋଦନ ଅପେକ୍ଷାରେ ଥାଏ । କଲାମ ତାଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କଲେ । ଶେଷରେ ବିଜୁବାବୁ କଲାମଙ୍କୁ କହିଲେ 'ଗୋଟିଏ ସର୍ତ୍ତରେ ଆପଣଙ୍କୁ ଏହି ୫ଟି ଦ୍ୱୀପ ମାଗଣାରେ ହସ୍ତାନ୍ତର କରିବି । ମୁଁ ନିକଟରେ ଚୀନ ଗସ୍ତ କରୁଛି । ଆପଣ ଏପରି ଏକ କ୍ଷେପଣାସ୍ତ୍ର ବିକଶିତ କରିବେ ଯାହା ଓଡିଶାରୁ ଥାଇ ମୋତେ ଚୀନରେ ଭେଦ କରିବ' । କଲାମ ହସିହସି ଏଥିରେ ସମ୍ମତି ଦେଲେ । ବିଜୁବାବୁଙ୍କ ଅନୁମୋଦନ ପରେ ଏହି ଦ୍ୱୀପ ହସ୍ତାନ୍ତର ପ୍ରକ୍ରିୟା ଶେଷ ହୋଇଥିଲା । ଦ୍ୱୀପ ହସ୍ତାନ୍ତରର ୯ ବର୍ଷ ପରେ ହ୍ୱିଲର ଦ୍ୱୀପର ଲଞ୍ଚପ୍ୟାଡ୍‌ରୁ ପ୍ରାୟ ୩ ହଜାର କିଲୋମିଟର ଦୂର ଓ ଆଣବିକ ଅସ୍ତ୍ରଶସ୍ତ୍ର ବହନ କ୍ଷମତା ବିଶିଷ୍ଟ 'ଅଗ୍ନି-୫'ର ସଫଳ ପରିକ୍ଷଣ ସମ୍ଭବତଃ ବିଜୁବାବୁଙ୍କ ପ୍ରେରଣା ବୋଲି କୁହାଯାଇ ପାରେ । ସେଦିନର କଲାମଙ୍କ ପ୍ରତିଶ୍ରୁତିକୁ ମନେପକାଇ ଏହି ଗୌରବମୟ ଘଟଣାରେ ସାକ୍ଷୀ ହେବାକୁ ବିଜୁବାବୁ ଜୀବିତ ନଥିଲେ ।



ସମୟାନୁକ୍ରମେ ଅଗ୍ନି କ୍ଷେପଣାସ୍ତ୍ରର କ୍ରମବିକାଶ ସହିତ ସଫଳ ଓ ବ୍ୟବହାରିକ ପରିକ୍ଷଣ ଆମେରିକା, ଚୀନ ଓ ପାକିସ୍ଥାନ ଭଳି ଦେଶର ଆଖିରୁ ନିଦ ହଜାଇ ଦେଇଛି ।

## ବାଲିଚଢାରୁ ବାଲାଷ୍ଟିକ୍:

ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରରୁ ଦକ୍ଷିଣରେ ପ୍ରାୟ ୭୦ କିଲୋମିଟର ତଥା ଧାମରା ବନ୍ଦରଠାରୁ ପ୍ରାୟ ୧୦ କିଲୋମିଟର ଦୂର ବଙ୍ଗୋପସାଗର ମଧ୍ୟରେ ରହିଛି ହ୍ୱିଲର ଆଇଲାଣ୍ଡ । ଏହା ଅବିଭକ୍ତ ଗୋଟିଏ ଦ୍ୱୀପ ନୁହେଁ ବରଂ ୫ଟି ଅଲଗା ଅଲଗା ଦ୍ୱୀପର ସମାହାର । ଦ୍ୱୀପପୁଞ୍ଜର ଦୈର୍ଘ୍ୟ ପ୍ରାୟ ୨ କିଲୋମିଟର । ଅବ୍ୟବହୃତ ଏହି ଦ୍ୱୀପ ବାସଉପଯୋଗୀ ନଥିବା ବେଳେ କେବେକେବେ ଏଠାରେ ସ୍ଥାନୀୟ ଓ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କ ବୋଟ୍ ବିଶ୍ରାମ ପାଇଁ ଅଟକି ରହୁଥିଲା । ୧୯୯୩ ମସିହାରେ ରାଜ୍ୟ ସରକାର ବିଧିବଦ୍ଧ ଭାବରେ ଏହାକୁ



ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ (ଡିଆରଡିଓ)କୁ ଦୀର୍ଘ ମିଆଦି (୯୯ ବର୍ଷ ଲିଜ୍) ସୂତ୍ରରେ ହସ୍ତାନ୍ତର କରିଥିଲେ । ଏବେ ଏହା ପ୍ରତିରକ୍ଷା ବିଭାଗର କ୍ଷେପଣାସ୍ତ୍ର ଘାଟି ଭାବରେ ପରିଚିତ । ଏଠାକୁ ସାଧାରଣ ଲୋକଙ୍କ ପ୍ରବେଶ ନିଷେଧ । ୧୯୯୩ ନଭେମ୍ବର ୩୦ ତାରିଖରେ ଚାନ୍ଦିପୁରରୁ ହ୍ୱିଲର ଦ୍ୱୀପର ଲକ୍ଷସ୍ଥଳକୁ 'ପୃଥିବୀ' କ୍ଷେପଣାସ୍ତ୍ର ଭେଦକଲା । ସେଠାରେ ଏକ ସ୍ମୃତିସ୍ତମ୍ଭ ତିଆରି ହୋଇଛି । ଯାହା 'ପୃଥିବୀ ପଏଣ୍ଟ' ଭାବରେ ନାମିତ । ଦ୍ୱୀପର ବିଭିନ୍ନ ଲଞ୍ଚପ୍ୟାଡ୍‌ରୁ ଆକାଶ, ଅଗ୍ନି, ଅସ୍ତ୍ର, ବ୍ରହ୍ମୋସ୍, ନିର୍ଭୟ, ପ୍ରହାର, ପୃଥିବୀ, ଧନୁଷ, ଶୌର୍ଯ୍ୟ ପରି କ୍ଷେପଣାସ୍ତ୍ର ସଫଳତାର ସହିତ ପରିକ୍ଷଣ କରାଯାଇଛି । ପର୍ଯ୍ୟାୟକ୍ରମେ ଏହି ପ୍ରକ୍ରିୟା ମଧ୍ୟ ଜାରି ରହିଛି ।

## ଥିଏଟର ଅଫ୍ ଆକ୍ସନ:

ଆଉଟର ହ୍ୱିଲର୍ ଦ୍ୱୀପ ଯାହା ସ୍ଥାନୀୟ ଅଞ୍ଚଳରେ 'ତେନ୍ତୁଳିଆ ଚଢା' ଭାବରେ ଜଣା ଏବେ କ୍ଷେପଣାସ୍ତ୍ର ଘାଟି ଭାବରେ ବ୍ୟବହୃତ ହେଉଛି ଓ ସୁରକ୍ଷା କାରଣରୁ ଅବଶିଷ୍ଟ ୪ଟି ଦ୍ୱୀପକୁ ପ୍ରତିରକ୍ଷା ବିଭାଗ ନିଜ ଅକ୍ତିୟାରରେ ରଖିଛି । ଦ୍ୱୀପରେ ରହିଛି ଦେଶର ସର୍ବୋଚ୍ଚ ଜ୍ଞାନ କୌଶଳ ଓ ଆଧୁନିକ ବିଜ୍ଞାନର ଅନୁଷ୍ଠାନ, ଯେଉଁଠି ସାଧାରଣ ଲୋକଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଅନବରତ କାମ ଚାଲିଛି । ସମଗ୍ର ପୃଥିବୀର ଏହା ଏକ ଉତ୍କୃଷ୍ଟ କ୍ଷେପଣାସ୍ତ୍ର ଘାଟି । ଏହି ଦ୍ୱୀପ କଲାମଙ୍କ ଆବିଷ୍କାର ଓ କ୍ଷେପଣାସ୍ତ୍ର ପରିକ୍ଷଣ ପାଇଁ ଅନେକ ଥର ସେ ଏଠାକୁ ଆସିଛନ୍ତି । କଲାମଙ୍କ ଜୀବନର ଅନେକ ସଫଳ ଓ ବିଫଳ ମୁହୂର୍ତ୍ତର ମୂକସାକ୍ଷୀ ହ୍ୱିଲର ଦ୍ୱୀପ । ଏହାର ବିଭିନ୍ନ ଲଞ୍ଚପ୍ୟାଡରୁ କ୍ଷେପଣାସ୍ତ୍ର ପରିକ୍ଷଣ ସମୟରେ କଲାମ ନିଜର ସହଯୋଗୀ ବୈଜ୍ଞାନିକଙ୍କ ସହିତ ହ୍ୱିଲର ଦ୍ୱୀପରେ ଅବସ୍ଥାନ କରିଥାଆନ୍ତି । ଦ୍ୱୀପର ନୀରବତା ତାଙ୍କ ଜନ୍ମସ୍ଥାନ ତାମିଲନାଡୁର ସମୁଦ୍ରକୂଳିଆ ସହର ରାମେଶ୍ୱରମ୍‌ର ସ୍ମୃତିକୁ ମନେ ପକାଇ ଦିଏ । ହ୍ୱିଲର ଦ୍ୱୀପ ତାଙ୍କ 'ଥିଏଟର ଅଫ ଆକ୍ସନ୍' । ଦ୍ୱୀପରେ ମୁଖ୍ୟତଃ ଝାଉଁ ଜାତୀୟ ଜଙ୍ଗଲ ଓ ତେନ୍ତୁଳି ଗଛ ରହିଛି । ଏଠାକାର ନୀରବ ସମୁଦ୍ର ଜଙ୍ଗଲର ପାଦ ଧୋଇ ଦେଉଥିବାର ଦୃଶ୍ୟ ତାଙ୍କୁ କବିତା ଲେଖିବାକୁ ପ୍ରେରଣା ଯୋଗାଇଥିଲା ।



## ଦେବୀଙ୍କୁ ସଫଳତାର ଶ୍ରେୟ:

୧୯୯୩ ମସିହାରେ ହ୍ୱିଲର ଦ୍ୱୀପର ପ୍ରଥମ କ୍ଷେପଣାସ୍ତ୍ର 'ପୃଥିବୀ'ର ସଫଳ ପରିକ୍ଷଣ ପରେ ଚାନ୍ଦିପୁରରୁ ହେଲିକପ୍ଟରରେ କଲାମ ତେନ୍ତୁଳିଆ ଚଢାରେ ପହଞ୍ଚିଥିଲେ । ସେଠାରୁ କାମସାରି ତାଙ୍କ ହେଲିକପ୍ଟର ମା' ଧାମରାଈ ପଡିଆରେ ପହଞ୍ଚିଥିଲା । ଲମ୍ବା ଚୁଟି, ହାପପ୍ୟାଣ୍ଟ ଏବଂ ଟି-ସାର୍ଟ ପିନ୍ଧିଥିବା କଲାମ ପଡିଆରେ ଓହ୍ଲାଇଲେ । ସେଠାରୁ ଥାଇ ମା' ଧାମରାଈଙ୍କୁ ନମସ୍କାର କରି, ସମ୍ଭବତଃ କ୍ଷେପଣାସ୍ତ୍ରର ସଫଳ ପରିକ୍ଷଣ ପାଇଁ ଧାମରା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀଙ୍କୁ କୃତଜ୍ଞତା ଜଣାଇ ଫେରି ଯାଇଥିଲେ । କଲାମଙ୍କ ନିର୍ମଳ ହୃଦୟ ଓ ନମନୀୟତା ସେଦିନ ବିମୋହିତ କରିଥିଲା ପଡିଆରେ ଉପସ୍ଥିତ ସମସ୍ତ ଧାମରାବାସୀଙ୍କୁ ।

## ପ୍ରକୃତି ବନାମ ପ୍ରଗତି:

ଧାମରା ଉପକୂଳର ସମୁଦ୍ର ଶାନ୍ତ । ଏଠାରେ ମେରାଇନ ପୋଲିସ୍, କୋଷ୍ଟଗାର୍ଡ ଓ ନାଭାଲର ରହିଛି ତ୍ରିସ୍ତରୀୟ ସୁରକ୍ଷା । 'ଅଲିଭ ରିଡଲେ' କଇଁଛଙ୍କ ସାମୁହିକ ଅଣ୍ଡାଦାନସ୍ଥଳ ଗହୀରମଥାଠାରୁ ଏହା ଜଳପଥରେ ନିକଟ । ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କଇଁଛଙ୍କ ସାମୁହିକ ଅଣ୍ଡାଦାନ ସମୟରେ ସମୁଦ୍ରରେ ପଇଁତରାର ବ୍ୟବସ୍ଥା ଥାଏ । କ୍ଷେପଣାସ୍ତ୍ର ଘାଟି ତିଆରି ହେବାପରେ ଦୁଇବର୍ଷ ପର୍ଯ୍ୟନ୍ତ ଅଲିଭ୍ ରିଡଲେ କଇଁଛ ଅଣ୍ଡା ଦେବାକୁ ଚଢାକୁ ଆସିଲେ ନାହିଁ । ଦ୍ୱୀପର ପ୍ରଖର ଓ କୃତ୍ରିମ ଆଲୋକରେ ବାଟବଣା ହେବା ଏହାର ଏକ କାରଣ ବୋଲି ପରିବେଶବିତ୍ ବାଙ୍କବିହାରୀ ଦାଶ ଯୁକ୍ତି ବାଢିବା ସହ ଡିଆରଡିଓ ନିର୍ଦ୍ଦେଶକଙ୍କୁ ଅଭିଯୋଗ କରିଥିଲେ । କଲାମ ସ୍ଥାନୀୟ ଲୋକ ତଥା ପରିବେଶ ପାଇଁ ସର୍ବଦା ଚିନ୍ତା କରୁଥିଲେ । ତାଙ୍କ ନିର୍ଦ୍ଦେଶରେ ୧୯୯୮ ମସିହାରୁ କଇଁଛଙ୍କ ଅଣ୍ଡାଦାନ ସମୟରେ ହ୍ୱିଲର ଦ୍ୱୀପର ରାତ୍ରକାଳୀନ ଆଲୋକକୁ ନିଷ୍ପ୍ରଭ (ଡିମ୍) କରାଯାଇଥାଏ ।



ଅଲିଭ୍ ରିଡଲେ କଇଁଛଙ୍କ ଅଣ୍ଡାଦାନ ସମୟରେ ବର୍ଷର ମୁଖ୍ୟତଃ ଡିସେମ୍ବରରୁ ଫେବୃୟାରୀ ମାସ ମଧ୍ୟରେ ଦ୍ୱୀପରୁ କ୍ଷେପଣାସ୍ତ୍ର ପରିକ୍ଷଣକୁ ବାରଣ କରାଯାଇଛି । ଏବେ ମଧ୍ୟ ଏହି ଧାରା ସେଠାରେ ବଳବତ୍ତର ।

## ପୂଜ୍ୟପୂଜାର ପରମ୍ପରା:

କଲାମଙ୍କ ଦେହାନ୍ତ ପରେ ତାଙ୍କ ସ୍ମୃତିରେ ହ୍ୱିଲର ଦ୍ୱୀପର ନାମ 'ଏପିଜେ ଅବଦୁଲ୍ କଲାମ ଦ୍ୱୀପ' ରଖିବାକୁ ଓଡିଶା ସରକାର ୪ ସେପ୍ଟେମ୍ବର ୨୦୧୫ରେ ଘୋଷଣା କରିଥିଲେ । ଆଶା କରାଯାଇଥିଲା ସମସ୍ତ ୫ଟି ଦ୍ୱୀପର ନାମ ପରିବର୍ତ୍ତନ କରାଯିବ । ଏକକାଳୀନ ୫ଟି ରାଜସ୍ୱ ମୌଜାର ନାମ ପରିବର୍ତ୍ତନ ଏକ ଜଟିଳ ପ୍ରକ୍ରିୟା ଓ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅନୁମତିର ଆବଶ୍ୟକତା ରହିଥିଲା । ଶେଷରେ ରାଜ୍ୟ ସରକାର କେବଳ ଗୋଟିଏ ଦ୍ୱୀପ 'ଆଉଟର ହ୍ୱିଲର୍'ର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲେ । କାଗଜପତ୍ର ସଂଶୋଧନରେ ବିଳମ୍ବ ଯୋଗୁଁ ତହସିଲ, ଜିଲ୍ଲା, ରାଜ୍ୟ ସରକାରଙ୍କ ଜମିଜମା ସଂକ୍ରାନ୍ତୀୟ ପୋର୍ଟାଲ ଭୂଲେଖ ଓ ଏନଆଇସିରେ ତଥ୍ୟ ଅପଡେଟ୍‌ରେ ସମୟ ଲାଗିଥିଲା । ୨୦୧୭ ଡିସେମ୍ବରରେ ଆବଶ୍ୟକୀୟ ସଂଶୋଧନ ପରେ ସମସ୍ତ ନଥିପତ୍ରରେ କେବଳ ଆଉଟର୍ ହ୍ୱିଲର୍ ଦ୍ୱୀପଟି 'ଏପିଜେ ଅବଦୁଲ କଲାମ ଆଇଲ୍ୟାଣ୍ଡ' ହେଲା । ଅନ୍ୟ ୪ଟି ଦ୍ୱୀପର ନାମ ପୂର୍ବପରି ହ୍ୱିଲରଙ୍କ ନାମ ସହିତ ଯୋଡିହୋଇ ରହଛି । ସହଯୋଗୀ ବୈଜ୍ଞାନିକ ସାଲୱିନଙ୍କ ଭାଷାରେ କଲାମ ସର୍ବଦା କହୁଥିଲେ, 'ଶିଳାଲେଖରେ ନୁହେଁ ବରଂ ସମୟର ବାଲୁକାବେଳାରେ ମୋ ପଦଚିହ୍ନ ଛାଡିଦେବି' । ପ୍ରକୃତରେ ହ୍ୱିଲର ଦ୍ୱୀପର ବାଲୁକା ରାଶି ଉପରେ ସେ ଛାଡି ଯାଇଥିବା ପଦଚିହ୍ନ ଉଜ୍ଜିବୀତ ରଖିବାକୁ ରାଜ୍ୟ ସରକାର ଦ୍ୱୀପଟିକୁ ତାଙ୍କ ନାମରେ ନାମିତ କରିବା ସେହି ଅମର ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି । ଏହି ଗୌରବାବହ ମୁହୂର୍ତ୍ତର ମୂକସାକ୍ଷୀ ହେବାକୁ ଦ୍ୱୀପ ହସ୍ତାନ୍ତରର ଦୁଇ ପ୍ରମୁଖ ନାୟକ ବିଜୁବାବୁ ଓ କଲାମ ଏ ଧରାପୃଷ୍ଠରେ ନାହାନ୍ତି ।

ମୋ-୯୪୩୭୭୨୭୫୨୧

# ଶରୀରଂ ଆଦ୍ୟଂ ଖଳୁଧର୍ମ ସାଧନମ୍

ବିଜୟ କୁମାର ପୃଷ୍ଟି

**ଏବେ ନିକଟରେ ଭାରତର ବିଭିନ୍ନ ସ୍ଥାନରେ 'ଜାତୀୟ ଡାକ୍ତର ଦିବସ' ପାଳିତ ହୋଇଯାଇଛି, ଇଲେକ୍ଟ୍ରିକ ଏବଂ ପ୍ରିଣ୍ଟ ମିଡ଼ିଆରୁ ଏହାର ସାର ମର୍ମ ବୁଝି ପାରିଥିବେ । ସାଧାରଣ ଭାବେ ଆମେ ସତଃ ଭାବୁ 'ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ' ।**

ଆପଣମାନେ ଜାଣିଥିବେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଘୋଷଣା ଅନୁଯାୟୀ ପ୍ରକୃତ ସ୍ୱାସ୍ଥ୍ୟର ସଂଜ୍ଞା ହେଉଛି କେବଳ ରୋଗ ବିହୀନ ଶରୀର ସୁସ୍ଥତା ହିଁ ବରଂ ଶରୀରିକ, ମାନସିକ, ସାମାଜିକ ଏବଂ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟର ସମାହାର ହିଁ ପ୍ରକୃତ ସ୍ୱାସ୍ଥ୍ୟ । ଏହା ପ୍ରକୃତିଦ । ଅମୃତସ୍ୟ ପୁତ୍ରାଃ । ପ୍ରକୃତିର ପାଞ୍ଚ ମହାଭୂତରେ ଆମ ଶରୀର ଗଠିତ ଏବଂ ଏହି ପଞ୍ଚ ମହାଭୂତ ଦ୍ୱାରା ହିଁ ଶରୀରର ରୋଗ ଉପଶମ ସମ୍ଭବ । ଅର୍ଥାତ୍ ପ୍ରକୃତିର ନିୟମାଯାୟୀ ଜୀବନଯାପନ କଲେ ହିଁ ଏକ ନିରାମୟ ଜୀବନ ସମ୍ଭବ ହୋଇଥାଏ ।

ଆମ ସରକାରଙ୍କ କାର୍ଯ୍ୟକଳାପକୁ ଟିକିଏ ଦେଖିବା ଭାରତୀୟ ଭେଷଜ ଓ ହୋମିଓପାଥି ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିନରେ ଏହି ବିଭାଗଟି ଥିଲା ଏକ ପ୍ରକାର ସ୍ଥାଣୁ । ୨୦୦୪ ମସିହାରେ ସ୍ୱର୍ଗତଃ ସୁଷମା ସ୍ୱରାଜଙ୍କ ପ୍ରଚେଷ୍ଟାରେ ଏହାକୁ ଏକ ଆୟୁଷ ବିଭାଗ କରାଗଲା ଏବଂ କାଳକ୍ରମେ ଏହା ଏକ ସ୍ୱତନ୍ତ୍ର ଆୟୁଷ ମନ୍ତ୍ରାଳୟର ରୂପ ନେଲା । ଆଧୁନିକ ସ୍ୱାସ୍ଥ୍ୟ ସେବାର ଏକ ଏକ ବିକଳ୍ପ ଚିକିତ୍ସାରେ ପ୍ରମାଣିତ ହେଲା । ଯାହା କି ଜନସାଧାରଣଙ୍କ ଦ୍ୱାରା ଆଦୃତ ହେଲା ଏବଂ ରୋଗର ମୂଳ କାରଣଟି ଲୋପ ପାଇବାରୁ ସେ ରୋଗଟି ମୂଳୋତ୍ପାଟନ ହୋଇଗଲା । ସମୟ କ୍ରମେ ଏହି ଚିକିତ୍ସା ଆଦର ପାଇଲା । ଆମ୍ଭମାନଙ୍କର ଏହି ଆୟୁଷ ବିଭାଗ ବିଷୟରେ ସମ୍ୟକ ଧାରଣା ହେବା ଦରକାର ଯାହାକୁ ବର୍ତ୍ତମାନ ସରକାର ଅଧିକ ପ୍ରୋତ୍ସାହିତ କରୁଛନ୍ତି । ଏହି ଆୟୁଷ ଚିକିତ୍ସା ପଦ୍ଧତି ହେଉଛି ଆଧୁନିକ ଚିକିତ୍ସା ପଦ୍ଧତିର ଏକମାତ୍ର ବିକଳ୍ପ । ଚିକିତ୍ସା ପଦ୍ଧତି ହେଉଛି ଭାରତର ବହୁ ପୁରାତନ ଏବଂ ଆମ ବେଦ ବେଦାନ୍ତର ପ୍ରାଞ୍ଜଳ ଭାବେ ଲିଖିତ ଅଛି । ଆୟୁର୍ବେଦରେ ରହିଛି ପଥି ଉପଯକ୍ତ ଖାଦ୍ୟ ହେଉଛି ଔଷଧ ହେଉଛି ପଥି । ମୋଟାମୋଟି କହିବାକୁ ଗଲେ ଆଧୁନିକ ଚିକିତ୍ସାର ଏକମାତ୍ର ବିକଳ୍ପ ହେଲା ଆୟୁଷ ଚିକିତ୍ସା ।

ଆଧୁନିକ ଚିକିତ୍ସା ପଦ୍ଧତି ସାରା ବିଶ୍ୱରେ ବିଭିନ୍ନ ପରୀକ୍ଷାଗାରରେ ବୈଜ୍ଞାନିକ ମତ ସ୍ୱୀକୃତିପ୍ରାପ୍ତ ଔଷଧ ଯାହା ବହୁ ବଡ଼ ବଡ଼ ରୋଗର ଉପଶମ କରିପାରିବ । ତେଣୁ ସାରା ମନୁଷ୍ୟ ସମାଜରେ ଏହା ବହୁଳ ଭାବର ଆଦୃତ । ସେଥିପାଇଁ ଡାକ୍ତର ମାନଙ୍କୁ କୁହାଯାଏ ଦ୍ୱିତୀୟ ଭଗବାନ । କିନ୍ତୁ ଏଇଠି ଏକ ରହସ୍ୟ ରହିତ ରୋଗର ମୂଳକାରଣକୁ ଦମନ ନକରି କେବଳ ରୋଗର ପ୍ରଭାବକୁ ଭଲ କରିଦିଏ, ଯାହାକି ଆୟୁଷ ଚିକିତ୍ସା ଦ୍ୱାରା ରୋଗର ମୂଳକାରଣ ବାହାର କରି ତାହା ହିଁ ନଷ୍ଟ କରି ଦିଆଯାଏ । ଆପଣ ମାନଙ୍କୁ ମନେ ପକାଇ ଦେବାକୁ ଚାହେଁ ହୁ'ର ୨୦୧୧ ଘୋଷଣାନୁଯାୟୀ "The Higher Antibiotic will not work today and not cure tomorrow". ଅର୍ଥାତ୍ ଦିନେ ଯେଉଁ ପେନସିଲିନ ଇଞ୍ଜେକ୍ସନକୁ ଜୀବନ ରକ୍ଷାକାରୀ ଔଷଧ ବୋଲି କୁହାଯାଉଥିଲା ତାହା ଆଜି ମନୁଷ୍ୟ ଶରୀରର ରୋଗ ଉପଶମ କରିପାରୁ ନାହିଁ । ଅର୍ଥାତ୍ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଉଛି । ଫଳରେ ରୋଗ ଆକ୍ରମଣ କରୁଛି । ଏହାର ଏକମାତ୍ର କାରଣ ହେଲା ଡାକ୍ତରଙ୍କ ପରାମର୍ଶ ଅନୁସାରେ ଉପଯୁକ୍ତ ଔଷଧ ସେବନ କରିବା ସହ ପ୍ରତ୍ୟହ ନିଜ ଜୀବନଶୈଳୀରେ ପରିବର୍ତ୍ତନ କରିବା ଅର୍ଥାତ୍ ପ୍ରାକୃତିକ ଜୀବନଶୈଳୀରେ ଜୀବନଯାପନ କଲେ ନିରାମୟ ଜୀବନ ସମ୍ଭବ ହୋଇ ପାରିବ । ସେଥିପାଇଁ ଅଛି ଶରୀରର ସୁସ୍ଥତା ପାଇଁ ସାମଗ୍ରୀକ ଚିକିତ୍ସା ସେବାର ଆବଶ୍ୟକତା ଅଛି ।

ଆପଣ ଦୈନିକ ଖବର କାଗଜ ପଢ଼ନ୍ତୁ, ରେଡ଼ିଓ ଶୁଣନ୍ତୁ କିମ୍ୱା ଟେଲିଭିଜନ ଦେଖନ୍ତୁ ସବୁର ମୂଳ ହେଲା ଉପଯୁକ୍ତ ସ୍ୱାସ୍ଥ୍ୟ ପାଇଁ କେବଳ ଦୈନନ୍ଦିନ ପ୍ରାକୃତି ଜୀବନ ଶୈଳୀର ଅଭ୍ୟାସର ଆବଶ୍ୟକତା ରହିଛି । ତାହା ହେଲେ ଏ ପ୍ରାକୃତିକ ଜୀବନ ଶୈଳୀ କ'ଣ ? ଆୟୁଷ ଚିକିତ୍ସା ପଦ୍ଧତି ଅନୁସାରେ ଏଶରୀର ସୃଷ୍ଟି ହେଉଛି ପଞ୍ଚ ମହାଭୂତର ଏବଂ ଏହାର ଚିକିତ୍ସା ମଧ୍ୟ ଏହି ପଞ୍ଚ ମହାଭୂତ (କ୍ଷୀତ, ଅପ୍, ତେଜ, ମରୁତ, ବୋମ, ମାଟି, ପାଣି, ଅଗ୍ନି, ପବନ ଓ ଆକାଶ) ମାଧ୍ୟମରେ ହେଲେ ଶରୀର ସୁସ୍ଥ ରହିବ । ପ୍ରତ୍ୟହ ବ୍ରହ୍ମମୁହୂର୍ତ୍ତର ଶଯ୍ୟାତ୍ୟାଗ କରି ଭଗବାନକୁ ପ୍ରାର୍ଥନା କରି ନିତ୍ୟକର୍ମ ସାରିବା ଉଚିତ । ଏହି ସମୟରେ ସ୍ନାନ କଲେ ତାହା ଅମୃତ ପାନ ସହ ସମାନ ହୋଇଯାଏ । ଶରୀରରକୁ ରକ୍ତ ସଂଞ୍ଚଳନକୁ ସନ୍ତୁଳନ କରିବାର ଶରୀର ସମସ୍ତ ଗଣ୍ଠିକୁ ସଚଳ କରିବାକୁ ହେଲେ



ପ୍ରାତଃ ଭ୍ରମଣ, ଦୌଡ଼କୁଦ, ସାଇକେଲ ଚଳାଇବା ଇତ୍ୟାଦି ଏବଂ ସର୍ବୋତ୍କୃଷ୍ଟ ବ୍ୟାୟାମ ହେଉଛି ଯୋଗାଭ୍ୟାସ କରିବା ଏକାନ୍ତ ଆବଶ୍ୟକ । ଯୋଗାଭ୍ୟାସ ଦ୍ୱାରା ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ସବଳ ହେବା ସହ ନିଶ୍ୱାସ ପ୍ରଶ୍ୱାସର ଗତି ନିୟନ୍ତ୍ରିତ ସହ ଅମ୍ଳଜାନ ମିଳିଥାଏ । ଅର୍ନ୍ତମନ ପ୍ରଫୁଲ୍ଲିତ ହୁଏ, ପ୍ରକୃତିର ନିୟମ ହିତଭୁକ, ଋତୁଭୁକ ଏବଂ ମିତଭୁକ ଅନୁସାରେ ହିତକର ଖାଦ୍ୟ, ଋତୁ ଜାତୀୟ ଫଳମୂଳ ଏବଂ ପନିପରିବା ଏବଂ ଖାଦ୍ୟର ମିତ ବ୍ୟୟିତା ହେଲେ ଶରୀରର ଗଠନ ଠିକ ହୁଏ । ଉପଯୁକ୍ତ ଖାଦ୍ୟସାର ମିଳିଥାଏ । ଫଳରେ ମସ୍ତିଷ୍କକୁ ସଠିକ ରକ୍ତ ସଞ୍ଚାଳନ ହୋଇଥାଏ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଏଥି ସହିତ ନିର୍ଦ୍ଦିଷ୍ଟ ସମୟରେ ଖାଦ୍ୟ ଗ୍ରହଣର ମହତ୍ୱ ରହିଛି । ନିଜ କର୍ମ କ୍ଷେତ୍ରରେ ସକାରାତ୍ମକ ଭାବରେ ସମସ୍ତ କର୍ମକୁ ସୁଚାରୁରୂପେ ସଂପାଦନ କରିବା ଦ୍ୱାରା ମନରେ ବିଷାଦ ଭାବ କିମ୍ୱା ହତାଶ ଭାବ ରହେନାହିଁ । ମନରେ ଶାନ୍ତି ଆସେ । ନିର୍ଦ୍ଦିଷ୍ଟ ସମୟର ବିଛଣା ତ୍ୟାଗ ଏବଂ ବିଛଣା ଗ୍ରହଣ ମଧ୍ୟ ଅତ୍ୟନ୍ତ ଜରୁରୀ । ଅର୍ଥାତ୍ ରାତି ୭/୮ ଘଣ୍ଟା ସୁଖନିଦ୍ରା ହେଉଛି ସ୍ୱାସ୍ଥ୍ୟର ଚାବିକାଠି । ସବୁବେଳେ ହସ ହସ ମୁହଁ ରହିବା ଏକ ମୂଲ୍ୟବାନ ଟନିକ । ଜଣେ ଡାକ୍ତରଙ୍କ ଭାଷାରେ ଔଷଧରେ କିଛି ଖୁସି ନଥାଏ ବରଂ ହସଖୁସି ହେଉଛି ଉତ୍କୃଷ୍ଟ ଔଷଧ ତେଣୁ ଆଜି ଉପଯୁକ୍ତ ସମୟ ଆସିଛି ଆମେ ଆମ ଶରୀରର ଯତ୍ନ ନେବା ଆମର ପ୍ରଥମ କର୍ତ୍ତବ୍ୟ । ତାହାହେଲେ ଯାଇ ଏକ ସୁସ୍ଥ ଶରୀର ପାଇବ - ଶରୀରଂ ଆଦ୍ୟଂ ଖଳୁ ଧର୍ମ ସାଧନମ୍ ।

ସମ୍ପାଦକ, ନିରାମୟ, କଟକ,
ଦୂରଭାଷ : ୯୮୬୧୪୬୪୯୩୨

ଫ୍ୟାସନ୍

# ଫ୍ୟାସନରେ ବେଲୁନ୍ ସ୍ଲିଭ୍ ଟପ୍

**ଆଜିକାଲି ଯୁବତୀମାନଙ୍କର ପ୍ରଥମ ପସନ୍ଦ ହେଉଛି ବେଲୁନ୍ ସ୍ଲିଭ୍ ଟପ୍। ଏହା କାଫି ଟ୍ରେଣ୍ଡରେ ରହିଛି। ଏହି ପ୍ରକାରର ଟପ୍‌ଟି ପ୍ରତ୍ୟେକ ଋତୁ ପାଇଁ ସର୍ବୋତ୍ତମ, କାରଣ ଲୁଜ୍ ଯୋଗୁଁ ଏହାକୁ ପିନ୍ଧିଲେ ଶରୀରକୁ ଆରାମଦାୟକ ମିଳିଥାଏ। କଲେଜ, ଅଫିସ୍ ଏବଂ ପାର୍ଟି ଲୁକ୍ ପାଇଁ ଏହାକୁ ବାଛନ୍ତୁ। ଏହା ସବୁ ସମୟରେ ଫ୍ୟାଶନେବଲ୍ ଦେଖାଯାଏ। ଏହାର ଅନ୍ୟ ଏକ ବିଶେଷତ୍ୱ ହେଉଛି ଆପଣ ଏହାକୁ ଉଭୟ ଜିନ୍ସ ଏବଂ ସ୍କର୍ଟ ସହିତ କ୍ୟାରି କରିପାରିବେ। ଷ୍ଟାଇଲିସ୍ ସ୍ଲିଭ୍ ଯୋଗୁଁ ଏହା ସମସ୍ତ ପ୍ରକାରର ପୋଷାକ ସହିତ ମେଳଖାଏ। ଏହି ବେଲୁନ୍ ସ୍ଲିଭ୍ ଟପ୍ସର ବିଭିନ୍ନ ଡିଜାଇନ୍ ବିଷୟରେ କିଛି ଟିପ୍ସ ଦିଆଯାଇଛି।**



## ହାଫ୍ କଟ୍ ବେଲୁନ୍ ସ୍ଲିଭ୍ ଟପ୍

ଏହି ପ୍ରକାରର ଟପ୍ ଡିଜାଇନ୍ ଖାଲି ଜିନ୍ସ ସହିତ ପିନ୍ଧିପାରିବେ। ଏଥିରେ ହାଲୁକା ଡିଜାଇନ୍ ବାଛନ୍ତୁ, କାରଣ ବେଲୁନ୍ ଟପ୍ ଅନେକ ପ୍ରକାରର ଡିଜାଇନ୍‌ରେ ଆସିଥାଏ। ଯଦି ଆପଣ ପୂରା ସ୍ଲିଭ୍ ପିନ୍ଧିବାକୁ ଚାହୁଁନାହାଁନ୍ତି, ତେବେ କହୁଣୀ ପର୍ଯ୍ୟନ୍ତ ଲମ୍ବା ଟପ୍ ଡିଜାଇନ୍ ପିନ୍ଧିପାରିବେ। ଏହି ଟପ୍‌ରେ କାନ୍ଧ ନିକଟରେ ସାମାନ୍ୟ ପଫ୍ ଡିଜାଇନ୍ ହୋଇଥାଏ। ସେଥିପାଇଁ ଏହି ଟପ୍‌ଟିକୁ ଅଧିକ ପସନ୍ଦ କରନ୍ତି। ଏହାକୁ ଷ୍ଟ୍ରେଟ୍ ପ୍ୟାଣ୍ଟ କିମ୍ବା ସ୍କର୍ଟ ସହିତ ପିନ୍ଧିପାରିବେ। ଏହା ଆପଣଙ୍କୁ ଏକ ସ୍ମାର୍ଟ ଲୁକ୍ ଦେଇଥାଏ।

## ଫୁଲ୍ ବେଲୁନ୍ ସ୍ଲିଭ୍ ଟପ୍

ଫୁଲ୍ ବେଲୁନ୍ ସ୍ଲିଭ୍ ଟପ୍ ଅନେକ ପ୍ରକାରର ଡିଜାଇନ୍ ଅଛି। ଅଧିକ ଢ଼ିଲା ବେଲୁନ୍ କିମ୍ବା ହାଲୁକା ବେଲୁନ୍ ସ୍ଲିଭ୍ ଅନୁସାରେ ସ୍କର୍ଟ କିମ୍ବା ଜିନ୍ସ ବାଛିବା ଉଚିତ୍। ଅଧିକ ପଫ୍ ବେଲୁନ୍ ସ୍ଲିଭ୍ ଟପ୍ ପାର୍ଟି ପାଇଁ ଭଲ କାରଣ ଏହା ଏକ ଭିନ୍ନ ଲୁକ୍ ଦେଇଥାଏ। ଯଦି ଏହାକୁ ସିମ୍ପଲ ସ୍କର୍ଟ ସହିତ ପିନ୍ଧନ୍ତି, ତେବେ ଆପଣ ଭିନ୍ନ ଦେଖାଯିବେ। କାରଣ ଏହି ଟପ୍ ପାର୍ଟି ଲୁକ୍ ପରି ଦେଖାଯାଏ। ଏହା ସ୍କିନି ଜିନ୍ସ ସହିତ ମଧ୍ୟ ମ୍ୟାଚ୍ କରେ। ଯାହା ଶରୀରର ଟେକ୍ସଚର୍‌ରକୁ ଅଧିକ ସୁନ୍ଦର କରିଥାଏ।

## ଅଫ୍-ସୋଲ୍ଡର ବେଲୁନ୍ ସ୍ଲିଭ୍ ଟପ୍

ଆଜିକାଲି ପାର୍ଟି ପାଇଁ ଅଫ୍ ସୋଲ୍ଡର ଟପ୍ ଡିଜାଇନ୍ ଯୁବତୀମାନଙ୍କ ମଧ୍ୟରେ ବହୁତ କ୍ରେଜ୍ ରହିଛି। ଏହିପରି ଡିଜାଇନ୍ ବେଲୁନ୍ ସ୍ଲିଭ୍ ଟପ୍ସ ଟ୍ରେଣ୍ଡରେ ରହିଛି। ଏହି ଟପ୍‌ର କାନ୍ଧ ତଳେ ରହିଛି, କିନ୍ତୁ



ସ୍ଲିଭ୍‌ଗୁଡ଼ିକ କେବଳ ବେଲୁନ୍ ଡିଜାଇନ୍ ଅଟେ। ଏହି ଟପ୍‌ଟି ଗ୍ଲାମରସ୍ ଏବଂ ପାର୍ଟି ପୋଷାକ ଲୁକ୍ ପାଇଁ ସର୍ବୋତ୍ତମ। ଏହାକୁ ହାଇ ୱେଷ୍ଟ ଜିନ୍ସ କିମ୍ବା ସଟ୍ ସ୍କର୍ଟ ସହିତ ପିନ୍ଧିପାରିବେ।

## ସ୍ଲିଭ୍ ଟପ୍ସ ଡିଜାଇନ୍

ଏହି ଡିଜାଇନ୍ ବ୍ୟତୀତ, ଆପଣ କ୍ରପ୍ ବେଲୁନ୍ ସ୍ଲିଭ୍ ଟପ୍ ଡିଜାଇନ୍, ରଫଲ୍ ବେଲୁନ୍ ସ୍ଲିଭ୍ ଟପ୍ ଏବଂ ବେଲ୍ଟ କିମ୍ବା ଟାଇଅପ୍ ବେଲୁନ୍ ସ୍ଲିଭ୍ ଟପ୍ ମଧ୍ୟ ବାଛିପାରିବେ। ଏହି ପ୍ରକାରର ଟପ୍ସ ଆପଣଙ୍କ ଅଣ୍ଟାକୁ ହାଇଲାଇଟ୍ କରିବା ସହ ଆପଣଙ୍କ ଅଣ୍ଟାକୁ ମଧ୍ୟ ପତଳା ଦେଖାଯାଏ। ଯଦି ଟପ୍ ସ୍ଲିଭ୍‌ରେ ଅଧିକ ଭଲ୍ୟୁମ୍ ଥାଏ, ତେବେ ଏହା ସହିତ ଫିଟ୍ ଜିନ୍ସ କିମ୍ବା ସଟ୍ ସ୍କର୍ଟ ଅଧିକ ମ୍ୟାଚ୍ କରେ।

ରୋଷେଇ ଘରୁ

# ପନିର୍ ହାଇଦ୍ରାବାଦୀ



**ଆବଶ୍ୟକ ସାମଗ୍ରୀ:** ପନିର୍, ପିଆଜ, ରସୁଣ, ଅଦା, କଞ୍ଚାଲଙ୍କା, ଗାଜର, ମିଠା ଦହି, ଗୋଟା ମସଲା(ଲବଙ୍ଗ, ଗୁଜୁରାତି, ଗୋଲମରିଚ, ଡାଲଚିନି, ଚକ୍ରଫୁଲ, ଜିରା), ଧନିଆ ପାଉଡ଼ର, ଜିରା ପାଉଡ଼ର, ଗୋଲମରିଚ ଗୁଣ୍ଡ, ଚିକେନ୍ ମସଲା, ହଳଦୀ, ଲୁଣ, ଫ୍ରେସ୍‌କ୍ରିମ୍, କାଜୁ, ଧନିଆପତ୍ର, ପୋଦିନା ପତ୍ର, ସୋରିଷ ତେଲ।

**ପ୍ରଣାଳୀ:** ପନିର୍‌କୁ ଲମ୍ବା ଲମ୍ବା ଫିସ୍ କରି କାଟି ଛାଣି ନିଅନ୍ତୁ। ପିଆଜ, ଗାଜର, ଅଦା, ରସୁଣ, କଞ୍ଚାଲଙ୍କା, ଧନିଆପତ୍ର, ପୋଦିନାପତ୍ରକୁ ତେଲରେ ଭାଜି ଗ୍ରାଇଣ୍ଡିଂ କରିନେବେ। ସେହି ପ୍ୟାନ୍‌ରେ ଗୋଟା ମସଲା ଏବଂ ଗ୍ରାଇଣ୍ଡିଂ କରି ରଖିଥିବା ମସଲାକୁ ପକାଇ କଷନ୍ତୁ। ମସଲା ଅଳ୍ପ କଷିବା ପରେ ସେଥିରେ ମିଠା ଦହି ମିଶାଇବେ। ସେହିପରି ଧନିଆ ପାଉଡ଼ର, ଜିରା ପାଉଡ଼ର, ଗୋଲମରିଚ ଗୁଣ୍ଡ, ଚିକେନ୍ ମସଲା, ହଳଦୀ, ଲୁଣ ଦେଇ ମସଲାକୁ କଷିବେ। ସେହି ମସଲାରେ ଫ୍ରେସ୍‌କ୍ରମ୍, କାଜୁ ପକାଇ କିଛି ସମୟ କଷିବା ପରେ ଛାଣି ରଖିଥିବା ପନିର୍ ଏବଂ ଗରମ ପାଣି ଦେଇ ୩ରୁ୪ମିନିଟ୍ ଫୁଟାନ୍ତୁ। ଶେଷରେ କାଟି ରଖିଥିବା ଧନିଆପତ୍ର ପକାଇ ଗ୍ୟାସ୍ ବନ୍ଦ କରିଦେବେ। ଏହି ପନିର୍ ହାଇଦ୍ରାବାଦୀକୁ ଭାତ, ରୁଟି, ପରଟା, ନାନ୍ ସହିତ ଖାଇବାକୁ ଦିଅନ୍ତୁ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** ସପ୍ତାହଟି କର୍ମକ୍ଷେତ୍ରରେ ଅଶାନ୍ତି ଦେଖାଦେବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ସାମାଜିକ ମାନ ସମ୍ମାନ ବୃଦ୍ଧି ପାଇପାରେ। ବ୍ୟବସାୟରେ ସାବଧାନ ରୁହନ୍ତୁ। ମହିଳାମାନେ ଚିନ୍ତିତ ରହିବେ। ଛାତ୍ରଛାତ୍ରୀମାନେ ଅସଫଳ ହେବେ।

**ବୃଷ** ସପ୍ତାହଟି ଚାକିରି କ୍ଷେତ୍ରରେ ଉନ୍ନତି ହେବ। ବ୍ୟବସାୟରେ ଲାଭବାନ ହେବେ। ବନ୍ଧୁ ସହଯୋଗ ମିଳିବ। ମାନ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ଅଶାନ୍ତି ଦୂର ହେବ। ଶାରୀରିକ ସୁସ୍ଥତା ବୃଦ୍ଧି ପାଇବ। ମହିଳାମାନେ ସୁଖୀ ହେବେ।

**ମିଥୁନ** ସପ୍ତାହଟି କର୍ମକ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ଆକସ୍ମିକ ଧନଲାଭ ହେବ। ବ୍ୟବସାୟରେ ଲାଭବାନ ହେବେ। ଶାରୀରିକ ସୁସ୍ଥତା ବୃଦ୍ଧି ପାଇବ। ପାରିବାରିକ ଶାନ୍ତି ମିଳିବ। ଶତ୍ରୁମାନେ ପରାଜିତ ହେବେ। ଦୂର ଜାଗା ଯାଇପାରନ୍ତି।

**କର୍କଟ** ସପ୍ତାହଟି ବ୍ୟବସାୟରେ ଲାଭକ୍ଷତି ସମାନ ରହିବ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିବ। ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ଶତ୍ରୁମାନେ ପରାଜିତ ହେବେ। ବିଭିନ୍ନ ସମସ୍ୟାର ସମାଧାନ ହୋଇପାରନ୍ତି। ମହିଳାମାନେ ଧର୍ମ କାର୍ଯ୍ୟରେ ମନ ଦେବେ।

**ସିଂହ** ସପ୍ତାହଟି କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଆର୍ଥିକ ଅଭାବ ଦେଖା ଦେଇପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ଶାରୀରିକ ଅସୁସ୍ଥତା ଦେଖା ଦେଇପାରେ। ମହିଳାମାନେ ଆନନ୍ଦରେ ସମୟ ଅତିବାହିତ କରିବେ।

**କନ୍ୟା** ସପ୍ତାହଟି ବ୍ୟବସାୟରେ ବନ୍ଧୁମାନଙ୍କ ସହଯୋଗ ପାଇ ଉନ୍ନତି ହେବ। ଧନଲାଭ ହେବ। ନୂତନ ଦ୍ରବ୍ୟ ଲାଭ ହେବ। ସାମାଜିକ ପ୍ରତିଷ୍ଠା ମିଳିବ। ଶାରୀରିକ ସୁଖ ମିଳିବ। ମହିଳାମାନେ ସୁଖୀ ହେବେ।

**ତୁଳା** ସପ୍ତାହଟି ଧନ ସମ୍ପଦ ବୃଦ୍ଧି ପାଇବ। ବ୍ୟବସାୟରେ ଲାଭବାନ ହେବେ। ଶତ୍ରୁମାନେ ପରାଜିତ ହେବେ। ପାରିବାରିକ ସୁଖ ବୃଦ୍ଧି ପାଇବ। ସାମାଜିକ ମାନ ସମ୍ମାନ ବୃଦ୍ଧି ପାଇବ। ମହିଳାମାନେ ଧର୍ମ କାର୍ଯ୍ୟରେ ମନ ବଳାଇବେ।

**ବିଛା** ସପ୍ତାହଟି ବିଭିନ୍ନ ସମସ୍ୟାର ସମାଧାନ ହେବ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଲାଭ ହେବ। ଅଧିକ ଅର୍ଥ ବ୍ୟୟ ହେବ। ପାରିବାରିକ ଅଶାନ୍ତି ବୃଦ୍ଧି ହେବ। ମହିଳାମାନେ ବିବ୍ରତ ରହିବେ।

**ଧନୁ** ସପ୍ତାହଟି କର୍ମକ୍ଷେତ୍ରରେ ସମ୍ମାନହାନୀ ହୋଇପାରେ। ବ୍ୟବସାୟରେ କ୍ଷତି ସହିପାରନ୍ତି। ପାରିବାରିକ ଅଶାନ୍ତି ବୃଦ୍ଧି ପାଇବ। ଶାରୀରିକ ଅସୁସ୍ଥତା ଦେଖା ଦେବ। ଅର୍ଥ ବ୍ୟୟ ହେବ। ମହିଳାମାନେ ଅଶାନ୍ତିରେ ସମୟ ଅତିବାହିତ କରିବେ।

**ମକର** ସପ୍ତାହଟି ବ୍ୟବସାୟରେ ବାଧା ବିଘ୍ନ ଦୂର ହେବ। କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ବନ୍ଧୁ ସହଯୋଗ ପାଇବେ। ଗୃହ ନିର୍ମାଣର ସୁଯୋଗ ଆସିବ। ମହିଳାମାନେ ସୁଖୀ ହେବେ। ଛାତ୍ରଛାତ୍ରୀମାନଙ୍କ ଶିକ୍ଷାରେ ବାଧା ସୃଷ୍ଟି ହେବ।

**କୁମ୍ଭ** ସପ୍ତାହଟି ସାମାଜିକ ମାନସମ୍ମାନ ବୃଦ୍ଧି ପାଇପାରେ। ଆକସ୍ମିକ ଧନଲାଭ ହୋଇପାରେ। କୌଶଳ ଦ୍ୱାରା ବ୍ୟବସାୟରେ ଲାଭବାନ ହେବେ। ଶାରୀରିକ ଅସୁସ୍ଥତା ଦେଖା ଦେଇପାରେ। ମହିଳାମାନେ ଧର୍ମ କାର୍ଯ୍ୟରେ ମନ ବଳାଇବେ।

**ମୀନ** ସପ୍ତାହଟି ଚାକିରି କ୍ଷେତ୍ରରେ ଚିନ୍ତିତ ରହିବେ। ବ୍ୟବସାୟରେ ଲାଭବାନ ହୋଇପାରନ୍ତି। ଅର୍ଥଲାଭ ହୋଇପାରେ। ଶତ୍ରୁମାନେ ପରାଜିତ ହେବେ। ବିଭିନ୍ନ ସମସ୍ୟାର ସମାଧାନ ହେବ। ମାନ ସମ୍ମାନ ବୃଦ୍ଧି ପାଇବ। ମହିଳାମାନେ ସୁଖୀ ହେବେ।

ସଂସ୍କୃତି ଓ ପର୍ଯ୍ୟଟନ

# ମୟୂରନାଥ ମନ୍ଦିର





**ତାମିଲନାଡୁ ଅନ୍ତର୍ଗତ ମୟିଲାଦୁଥୁରୈ ଜିଲ୍ଲାର ସଦର ମହକୁମା ମୟିଲାଦୁଥୁରୈ ଏକ ଛୋଟ ସହର। 'ମୟିଲାଦୁଥୁରୈ' ଶବ୍ଦର ଅର୍ଥ 'ମୟୂରଙ୍କ ସହର'। ତିନୋଟି ଶବ୍ଦର ମିଶ୍ରଣରୁ ସୃଷ୍ଟି ହୋଇଛି 'ମୟିଲାଦୁଥୁରୈ'। ମାଇଲ୍ ଅର୍ଥାତ୍ ମୟୂର, ଆଦୁମ୍ ଅର୍ଥାତ୍ ନୃତ୍ୟ ଓ ଥୁରୈ ଶବ୍ଦର ଅର୍ଥ ହେଉଛି ସ୍ଥାନ। ସିଧା ଅର୍ଥରେ ବୁଝିଲେ ଏହି ସ୍ଥାନର ନାମ ହେଉଛି 'ମୟୂର ନୃତ୍ୟ କରୁଥିବା ସ୍ଥାନ'। ବୁଦ୍ଧିଜୀବୀଙ୍କ କହିବାନୁସାରେ, ଏକ ଅଭିଶାପ କାରଣରୁ ମୟିଲାଦୁଥୁରୈକୁ ଦେବୀ ପାର୍ବତୀ ମୟୂର ଦାନ କରିଥିଲେ। ଏହି ସହରରେ ବର୍ତ୍ତମାନ ଭଗବାନ ଶିବଙ୍କ ପୂଜା କରାଯାଉଛି।**

ଏହି ସହରର ପୁରାତନ ନାମ ଥିଲା 'ମୟୂରମ୍'। ଏଠାରେ ଅନେକ ପ୍ରାଚୀନ ସ୍ମାରକୀ ରହିଛି। ମୟିଲାଦୁଥୁରୈ ମନ୍ଦିର ଏକ ଲୋକପ୍ରିୟ ତୀର୍ଥସ୍ଥାନ, ଯେଉଁଠି ଭଗବାନ ଶିବ ଶଙ୍କର ପୂଜା ପାଉଛନ୍ତି। ଏହି ମନ୍ଦିରରେ ଭଗବାନ ଶିବ ଶଙ୍କର ମୟୂର ନାଥର ନାମରେ ପୂଜିତ ହେଉଛନ୍ତି। ବିଶ୍ୱାସ କରାଯାଏ, ଦେବୀ ପାର୍ବତୀ ଏଠାରେ ମୟୂର ସ୍ୱରୂପରେ ଭଗବାନ ଶଙ୍କରଙ୍କ ଆରାଧନା କରିଥିଲେ। ସେ ଯାହା ହେଉ ପର୍ଯ୍ୟଟନ ଦୃଷ୍ଟିରୁ ଏହି ସହରର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। କାବେରୀ ନଦୀ କୂଳରେ ଅବସ୍ଥିତି କାରଣରୁ ମୟିଲାଦୁଥୁରୈରେ ରହିଛି ଅନେକ ପ୍ରସିଦ୍ଧ ହିନ୍ଦୁ ମନ୍ଦିର। ଏହି ସବୁ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବା ସହିତ ପୂଜାର୍ଚ୍ଚନା କରିବା ପାଇଁ ପ୍ରତ୍ୟେକ ଦିନ ଏଠାକୁ ବହୁ ସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଏଠାକାର ମନ୍ଦିରଗୁଡ଼ିକ ମଧ୍ୟରେ ଶ୍ରୀ ବାଦନ୍ୟାନେଶ୍ୱର ମନ୍ଦିର, ପୁନୁଗିଶେଶ୍ୱର ମନ୍ଦିର, ଗଙ୍ଗାଇ କୋଣ୍ଡା ଚୋଲାପୁରମ୍, ଶ୍ରୀ ପରିମାଳା ରଙ୍ଗନାଥସ୍ୱାମୀ ମନ୍ଦିର, ଶ୍ରୀ କାଶୀବିଶ୍ୱନାଥସ୍ୱାମୀ ମନ୍ଦିର, କୁରୁକାଇ ଶିବାନ୍ ମନ୍ଦିର ଓ ଦକ୍ଷିଣମୂର୍ତ୍ତି ମନ୍ଦିର ଆଦି ବେଶ୍ ପ୍ରସିଦ୍ଧି ଲାଭ କରିଛି। ସ୍ଥାନୀୟ ଅଞ୍ଚଳରେ ରହିଛି ଆହୁରି କିଛି ସୁନ୍ଦର ମନ୍ଦିର। ସେଗୁଡ଼ିକ ହେଉଛି ସୁରିନାୟର କୋଇଲ, ତିଙ୍ଗାଲୁର, ବୈଦୀଶ୍ୱରନ୍ କୋଇଲ୍, ତିରୁବେନକାଦୁ, ଅଲନଗୁଡି, କଞ୍ଜାନୁର, ତୁରୁନାଲ୍ଲରୁ, ତିରୁଗାବେଶ୍ୱରମ୍ ଓ କିଝାପେରୁମପଲ୍ଲମ୍ ଇତ୍ୟାଦି। ମୟିଲାଦୁଥୁରୈଠାରୁ ସୁରିନାୟର କୋଇଲ୍‌ର ଦୂରତା ୨୦ କିଲୋମିଟର। ଏହି ସ୍ଥାନଟି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ଭାବେ ଜଣାଶୁଣା। ସୁରିନାୟର୍ କୋଇଲ୍ ମନ୍ଦିରରେ ପୂଜା ପାଉଛନ୍ତି ଭଗବାନ ସୂର୍ଯ୍ୟ ଓ ତାଙ୍କର ପତ୍ନୀ ଛାୟା। ତିଙ୍ଗାଲୁର ମୟିଲାଦୁଥୁରୈଠାରୁ ୪୦ କିଲୋମିଟର ଦୂରତାରେ ଅବସ୍ଥିତ। ଏହି ମନ୍ଦିରଟି ଭଗବାନ ଚନ୍ଦ୍ରଙ୍କୁ ସମର୍ପିତ। ଏହି ମନ୍ଦିରର ଦେବତା ଚନ୍ଦ୍ରଙ୍କୁ ପୂଜା କଲେ ମାନସିକ ଅଶାନ୍ତି ଦୂର ହୋଇଯାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି। ବୈଦୀଶ୍ୱରନ୍ କୋଇଲ୍ ମନ୍ଦିରରେ ପୂଜା ପାଉଛନ୍ତି ଭଗବାନ ଶିବ। ପ୍ରଭୁ ଶ୍ରୀରାମଙ୍କ ପତ୍ନୀ ସୀତାଦେବୀଙ୍କୁ ରାବଣ ଅପହରଣ କରି ନେଉଥିବାବେଳେ ଏହି ସ୍ଥାନରେ ରାବଣଙ୍କ ସହ ଯୁଦ୍ଧ କରି ମୃତ୍ୟୁବରଣ କରିଥିଲା ଜଟାୟୁ। ଏହି କାରଣରୁ ଏ ସ୍ଥାନଟି 'ଜଟାୟୁ କୁଦମ୍' ନାମରେ ମଧ୍ୟ ପ୍ରସିଦ୍ଧିଲାଭ କରିଛି। ମୟିଲାଦୁଥୁରୈଠାରୁ ଏ ସ୍ଥାନର ଦୂରତା ୧୨ କିଲୋମିଟର।





ବୈଦୀଶ୍ୱରନ୍ ମନ୍ଦିରରେ ଅନେକ ଜ୍ୟୋତିଷ ବସିଥିବା ଦେଖିବାକୁ ମିଳେ। ଏମାନେ ଏଠାକୁ ଆସୁଥିବା ଭକ୍ତଙ୍କୁ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ କହନ୍ତି। ଏଥିପାଇଁ ଏହି ସ୍ଥାନର ଅନ୍ୟନାମ ନାଡ଼ି ଜ୍ୟୋତିଧାମ। ତିରୁବେଙ୍କାଦୁ ମୟିଲାଦୁଥୁରୈଠାରୁ ୨୪ କିଲୋମିଟର ଦୂରରେ ଅବସ୍ଥିତ। କାଶୀ ଭଳି ଏଠାରେ ମଧ୍ୟ ଅନେକ ଘାଟ ରହିଛି। ସେହିପରି ଅଲନଗୁଡି, ମୟିଲାଦୁଥୁରୈଠାରୁ ୪୦ କିଲୋମିଟର ଦୂରସ୍ଥିତ ଏକ ମନ୍ଦିର। ଏଠାରେ ପୂଜା ପାଉଛନ୍ତି ଭଗବାନ ଗୁରୁବାର। ମନ୍ଦିରର ଏକ କାନ୍ଥରେ ଅଙ୍କିତ ହୋଇଛି ତାଙ୍କର ବିଶାଳ ମୂର୍ତ୍ତି। ମୟିଲାଦୁଥୁରୈଠାରୁ ୩୦ କିଲୋମିଟର ଦୂରସ୍ଥିତ ତିରୁନାଲ୍ଲରୁରେ ରହିଛି ଭଗବାନ ଶନିଙ୍କ ମନ୍ଦିର। ଏହି ମନ୍ଦିରର ମୂର୍ତ୍ତିକୁ କ୍ଷୀରରେ ଅଭିଷେକ କରାଯାଏ। ମୂର୍ତ୍ତି ଉପରେ ଭକ୍ତମାନେ କ୍ଷୀର ଢାଳିବା ପରେ ତାହା ଧୀରେଧୀରେ ନୀଳ ହୋଇଯାଏ। ମାତ୍ର ମୂର୍ତ୍ତିରୁ ଖସି କ୍ଷୀର ଯେତେବେଳେ ଚଟାଣରେ ପହଞ୍ଚେ ତାହା ପୁଣି ଥରେ ଧଳା ରଙ୍ଗ ଧାରଣ କରେ। ଏଠାରେ ଥିବା ଆଉ ଦୁଇଟି ମନ୍ଦିରରେ ପୂଜା ପାଉଛନ୍ତି ରାହୁ ଓ କେତୁ।



ବର୍ଷସାରା ମୟିଲାଦୁଥୁରୈ ସହରକୁ ପର୍ଯ୍ୟଟକଙ୍କ ଯିବା ଆସିବା ଲାଗି ରହିଥାଏ। ତେବେ ଶୀତଋତୁ ଏହି ସହରକୁ ବୁଲି ଆସିବା ପାଇଁ ସବୁଠୁ ଭଲ ସମୟ। ତାମିଲନାଡୁର ପ୍ରମୁଖ ସହର ଚେନ୍ନାଇ, ତିରୁଚିରାପଲ୍ଲୀ, ଚିଦମ୍ବରମ୍ ଆଦି ସହରରୁ ଏଠାକୁ ବସ୍ ଚଳାଚଳ କରିଥାଏ। ସେହିପରି ଭୁବନେଶ୍ୱର, ମଦୁରାଇ, କୋଚି, ତିରୁପତି, ବାରାଣସୀ ଆଦି ସହରରୁ ମୟିଲାଦୁଥୁରୈକୁ ରେଳ ସେବା ରହିଛି। ଚେନ୍ନାଇ ଏୟାରପୋର୍ଟଠାରୁ ମୟିଲାଦୁଥୁରୈ ସହରର ଦୂରତା ୨୯୧ କିଲୋମିଟର। ପର୍ଯ୍ୟଟକ ଚାହିଁଲେ ବସ୍, ରେଳ କିମ୍ବା ବିମାନ ଯୋଗେ ମୟିଲାଦୁଥୁରୈରେ ପହଞ୍ଚି ପାରିବେ।

ମନୋରଞ୍ଜନ

# ଟକ୍ସିକ ପାଇଁ ବଢ଼ିଛି ଆଗ୍ରହ



ହିନ୍ଦୀ ଫିଲ୍ମ ଟକ୍ସିକର ଟାଇଟଲ ଗୀତ 'ମଦହୋଶ୍' ମାର୍କେଟରେ ତହଲ ସୃଷ୍ଟି କରିଛି। ଗୀତରେ ଫିଲ୍ମର ମୁଖ୍ୟ ନାୟକ ଯଶଙ୍କ ସହ ତାରା ସୁତାରିଆଙ୍କୁ ଦେଖିବାକୁ ମିଳିଛି। ରୋମାଣ୍ଟିକ୍ ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରୁଛନ୍ତି। ଏହା ପୂର୍ବରୁ ଫିଲ୍ମର ପ୍ରଥମ ଗୀତ 'ତବାହି' ରିଲିଜ୍ ହୋଇଥିଲା, ଯେଉଁଥିରେ ଯଶ ଓ କିଆରାଙ୍କୁ ଦେଖିବାକୁ ମିଳିଥିଲା। 'ମଦହୋଶ୍'ର ୩.୧୪ ମିନିଟର ଯଶଙ୍କ ରାୟ ଓ ତାରାଙ୍କ ହଟ୍ ଭିଡ଼ିଓ ଏବେ ଭାଇରାଲ ହୋଇଛି ଯେ ଦର୍ଶକ ପୁରା ଫିଲ୍ମ ଦେଖିବାକୁ ଉତ୍ସୁକ ହୋଇଯାଇଛନ୍ତି। ପୂର୍ବରୁ ଫିଲ୍ମର ପ୍ରମୋସନ୍ ଭିଡିଓରେ ରାୟ ଚରିତ୍ରକୁ ଜଣେ କଠୋର ଓ ଗ୍ୟାଙ୍ଗଷ୍ଟର ରୂପେ ଦେଖିବାକୁ ମିଳିଥିଲା। 'ଟକ୍ସିକ'ର ଏହି ଗୀତ ଏକ ପ୍ରକାର ସମସ୍ତ ସିନେ ପ୍ରେମୀଙ୍କ ପାଖରେ ପହଞ୍ଚିବା ସହିତ ଭାଇରାଲ ମଧ୍ୟ ହୋଇଛି। ଗୀତ ରିଲିଜ୍‌ର ପୂର୍ବ ଦିନ ନିର୍ମାତା ସୋସିଆଲ ମିଡିଆରେ ନିଜର ବୟାନ ରଖି ଫିଲ୍ମ ହିଟ୍ ସମ୍ପର୍କରେ ସୂଚନା ଦେଇଛନ୍ତି। ତାରା ମଧ୍ୟ ନିଜ ଇନଷ୍ଟା ଷ୍ଟୋରୀରେ ନିଜର ଓ ଯଶଙ୍କର ଏକ ଅସ୍ପଷ୍ଟ ଚିତ୍ର ପୋଷ୍ଟ କରିଛନ୍ତି। 'ମଦହୋଶ୍'ର ସବୁ ଏଡିସନର ସଙ୍ଗୀତ ସିଦ୍ଧାର୍ଥ ବସ୍ରୁର ଗାଇଛନ୍ତି। ଫିଲ୍ମରେ ଯଶଙ୍କ ସମେତ ନୟନତାରା, କିଆରା ଆଡ଼ଭାନି, ତାରା ସୁତାରିଆ, ରୁକ୍ମିଣୀ ବସନ୍ତ ଓ ହୁମା କୁରେଶୀ ଅଭିନୟ କରିଛନ୍ତି। ଯଶ ଓ ଗୀତୁ ମୋହନଦାସ କାହାଣୀ ଲେଖିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଗୀତୁ ମୋହନଦାସ। କନ୍ନଡ଼ ଓ ଇଂରାଜୀରେ ଫିଲ୍ମ ସୁଟିଂ ହୋଇଛି। ହିନ୍ଦୀ, ତାମିଲ, ତେଲୁଗୁ, ମାଲାୟାଲମ୍ ଓ ଅନ୍ୟ ଭାଷାରେ ଏହା ମୁକ୍ତିଲାଭ କରିବ ବୋଲି ଜଣାଯାଇଛି।





# 'ଶ୍ରୀଜଗନ୍ନାଥ'ର ଫାଷ୍ଟ-ଲୁକ୍ ପୋଷ୍ଟର ଉନ୍ମୋଚିତ

ଓଡ଼ିଆ ମନୋରଞ୍ଜନ ଜଗତରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବାକୁ ଯାଉଛି ଓଡ଼ିଶାର ଅଗ୍ରଣୀ ତଥା ପ୍ରିମିୟମ୍ ଓଟିଟି ପ୍ଲାଟଫର୍ମ 'କଞ୍ଚାଲଙ୍କା'। ଆଜି ଏହି ପ୍ଲାଟଫର୍ମର ସବୁଠାରୁ ବଡ଼ ଏବଂ ବହୁ ପ୍ରତୀକ୍ଷିତ ଅରିଜିନାଲ ମେଗା ୱେବ୍ ସିରିଜ୍ 'ଶ୍ରୀ ଜଗନ୍ନାଥ'ର ଫାଷ୍ଟ-ଲୁକ୍ ପୋଷ୍ଟର ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି। ଏକକାଳୀନ ହିନ୍ଦୀ ଏବଂ ଓଡ଼ିଆ ଭାଷାରେ ଷ୍ଟ୍ରିମ୍ ହେବାକୁ ଥିବା ଏହି ସିରିଜ୍ ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ପାଇଁ ଏକ ବିଶେଷ ଭେଟି ହେବାକୁ ଯାଉଛି। ହିନ୍ଦୁ ଧର୍ମରେ ଚାରିଧାମ ମଧ୍ୟରୁ ଅନ୍ୟତମ ଶ୍ରୀକ୍ଷେତ୍ର ପୁରୀ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର ମହିମାକୁ ଏକ ବିଶାଳ କାନଭାସରେ ଦର୍ଶାଇବାକୁ କଞ୍ଚାଲଙ୍କା ଏହି ପ୍ରୟାସ କରିଛି।

ଏହି ମେଗା ୱେବ୍ ସିରିଜ୍ଟି ଏକ ମଲ୍ଟି-ସିଜନ୍ ଏପିକ୍ ଭାବେ ନିର୍ମାଣ କରାଯାଉଛି। ଏହାର ପ୍ରଥମ ସିଜନ୍‌ରେ ମୋଟ ୨୦ଟି ଏପିସୋଡ୍ ରହିବ। କାହାଣୀର ଆରମ୍ଭ ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ନୀଳଗିରି ଗୁମ୍ଫାରେ ପ୍ରଭୁ ନୀଳମାଧବଙ୍କ ଗୁପ୍ତ ପୂଜାରୁ ହେବ। ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଶ୍ରୀମନ୍ଦିର ନିର୍ମାଣ ଏବଂ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିଷ୍ଠା ପର୍ଯ୍ୟନ୍ତ ରୋମାଞ୍ଚକର ତଥା ଭକ୍ତିପୂର୍ଣ୍ଣ ଘଟଣାବଳୀକୁ ଏହି ପ୍ରଥମ ସିଜନ୍‌ରେ ଦେଖାଯିବ। ଆସନ୍ତା ଅକ୍ଟୋବର ମାସରୁ ଏହି ପ୍ରଥମ ସିଜନ୍‌ର ଷ୍ଟ୍ରିମ୍ ଆରମ୍ଭ ହେବ। ଆଗାମୀ ସିଜନ୍‌ଗୁଡ଼ିକରେ ମନ୍ଦିର ନିର୍ମାଣ ପରବର୍ତ୍ତୀ ଐତିହ୍ୟକୁ ପ୍ରଦର୍ଶିତ କରାଯିବ। ଏହି ପ୍ରୋଜେକ୍ଟର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏହାର ବୈଷୟିକ ନିର୍ମାଣ ଶୈଳୀ। ଓଡ଼ିଆ ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ପ୍ରଥମ ଥର ପାଇଁ ଏତେ ବଡ଼ ଧରଣର ଏକ ଫୁଲ-ଲେଙ୍ଗଥ ୱେବ୍ ସିରିଜ୍ ସମ୍ପୂର୍ଣ୍ଣ ଭାବେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବ୍ୟବହାର କରି ନିର୍ମାଣ କରାଯାଉଛି। ଏଥିସହ, କଞ୍ଚାଲଙ୍କା ଇତିହାସରେ ପ୍ରଥମ ଥର ପାଇଁ ଏହା ଏକାସାଙ୍ଗରେ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ମୁକ୍ତିଲାଭ କରିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ଅନ୍ୟାନ୍ୟ ଭାଷାରେ ମଧ୍ୟ ଉପଲବ୍ଧ କରାଯିବ।

# ଆସୁଛି ନୂତନ ମେଗା ଧାରାବାହିକ 'ଶ୍ରାବଣୀ':





ଆସନ୍ତା ଜୁଲାଇ ୨୭ ତାରିଖ ସନ୍ଧ୍ୟା ୭:୩୦ ମିନିଟରେ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ନୂଆ ମେଗା ଧାରାବାହିକ 'ଶ୍ରାବଣୀ'। ଏହା ଏପରି ଦୁଇଜଣ ମହିଳାଙ୍କ ଜୀବନ କାହାଣୀ ଉପରେ ଆଧାରିତ, ଯେଉଁମାନଙ୍କ ଚିନ୍ତାଧାରା ଓ ପୃଷ୍ଠଭୂମି ସମ୍ପୂର୍ଣ୍ଣ ଅଲଗା। ଏହି କାହାଣୀର ମୁଖ୍ୟ ଆକର୍ଷଣ ହେଉଛନ୍ତି ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସ୍ନେହୀ ଓଥା ସାହସୀ ଝିଅ 'ଶ୍ରାବଣୀ' ଏବଂ କ୍ଷମତାଶାଳୀ, କଠୋର ନିୟମରେ ଓ ଅନୁଶାସନରେ ବନ୍ଧା ତ୍ରିପାଠୀ ପରିବାରର ମୁଖ୍ୟ 'ରାଜେଶ୍ୱରୀ ଦେବୀ'। ଯେତେବେଳେ ଶ୍ରାବଣୀ ତ୍ରିପାଠୀ ପରିବାରରେ ପାଦ ରଖେ, ତା'ର ସରଳତା ଓ ମାନବିକତା ରାଜେଶ୍ୱରୀ ଦେବୀଙ୍କ କଠୋର ଆଭିମୁଖ୍ୟକୁ କ'ଣ ବଦଳାଇ ପାରିବ? ଏହି ଦୁଇ ମହିଳାଙ୍କ ମଧ୍ୟରେ ଏକ ସେତୁ ସାଜିଛନ୍ତି 'ସାଗର', ଯିଏ ନିଜ ମା'ଙ୍କ ପ୍ରତି ଅତୁଟ ବିଶ୍ୱାସ ରଖିବା ସହ ଶ୍ରାବଣୀର ନିଷ୍କପଟତା ପ୍ରତି ଆକୃଷ୍ଟ ହୁଅନ୍ତି। ପାରିବାରିକ ରାଜନୀତି ଏବଂ ଏକ ନିଆରା ପ୍ରେମ କାହାଣୀ ଭିତରେ, ଶ୍ରାବଣୀ ପ୍ରମାଣ କରିବ ଯେ ପ୍ରକୃତ ଶକ୍ତି ଅହଙ୍କାର ବା କ୍ଷମତାରେ ନୁହେଁ, ବରଂ ନିଃସ୍ୱାର୍ଥପର ଭଲପାଇବା ଓ ମାନବିକତାରେ ଥାଏ। ଏହି ମେଗା ସିରିଏଲରେ ମୁଖ୍ୟ ଭୂମିକା ଅର୍ଥାତ ଶ୍ରାବଣୀ ଚରିତ୍ରରେ ସୋନାଲି ଚୌଧୁରୀ, ସାଗର ଭୂମିକାରେ ଜ୍ୟୋତି ରଞ୍ଜନ ଏବଂ ରାଜେଶ୍ୱରୀ ଦେବୀ ଚରିତ୍ରରେ ନୀତୁ ସିଂହ ଅଭିନୟ କରୁଛନ୍ତି।

# ମୁଖ୍ୟମନ୍ତ୍ରୀ ପରେ ପ୍ରଥମ ଫିଲ୍ମ 'ଜନ ନାୟାଗନ୍'







'ଜନ ନାୟାଗନ୍' ଫିଲ୍ମ ବିଜୟଙ୍କର ମୁଖ୍ୟମନ୍ତ୍ରୀ ହେବାପରେ ପ୍ରଥମ ଫିଲ୍ମ। ଫିଲ୍ମରେ ବିଜୟଙ୍କ ସହ ପୂଜା ହେଗଡେ, ବବି ଦେଓଲ, ମମିତା ବୈଜୁ, ପ୍ରକାଶ ରାଜ, ଗୌତମ ବାସୁଦେବ ମେନନ, ପ୍ରିୟମଣି ଓ ନାରାୟଣ ପ୍ରମୁଖ ଅଭିନୟ କରିଛନ୍ତି। ନିର୍ଦ୍ଦେଶକଙ୍କ ମତରେ, 'ଜନ ନାୟାଗନ୍' କେବଳ ରାଜନୀତିକୁ ନୁହେଁ, ବରଂ ଜୋନ୍, ଆଧୁନିକ ଆଖଣ୍ଡ ଓ ନୂତନ ପ୍ରଯୁକ୍ତି ଆଧାରିତ ଯୁଦ୍ଧର ବାସ୍ତବ ଚିତ୍ରକୁ ମଧ୍ୟ ପରଦାରେ ଉପସ୍ଥାପନ କରିବ। ସେ ଭାରତୀୟ କାହାଣୀ ନୁହେଁ ବରଂ ସାଂକେତିକ ଭାବରେ ଯୁକ୍ରେନ ଯୁଦ୍ଧ ଓ ଇରାନ-ଆମେରିକା ଉତ୍ତେଜନାକୁ ଉଦାହରଣ ଭାବେ ଉଲ୍ଲେଖ କରିଛନ୍ତି। ଫିଲ୍ମର ମୁକ୍ତିଲାଭକୁ ନେଇ ସେ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଫିଲ୍ମଟିର ମୁକ୍ତିଲାଭ ଅନେକ ଥର ସ୍ଥଗିତ ହୋଇଛି ଓ କେବେ ରିଲିଜ୍ ହେବ ଏନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଫିଲ୍ମକୁ 'ଏ' ସାର୍ଟିଫିକେଟ୍ ମିଳିଥିବାରୁ ୧୮ ବର୍ଷରୁ କମ୍ ବୟସର ଦର୍ଶକ ଦେଖିପାରିବେ ନାହିଁ ବୋଲି ସେ ଦୁଃଖ ପ୍ରକାଶ କରିଛନ୍ତି। ଅନେକ ସମ୍ବେଦନଶୀଳ ଘଟଣା ଏଥିରେ ସ୍ଥାନିତ ହୋଇଥିବାରୁ ଛୋଟ ପିଲା ଦେଖିବା ସମ୍ଭବ ନୁହେଁ ବୋଲି ନିର୍ଦ୍ଦେଶକ କହିଛନ୍ତି।

# ଓଡ଼ିଶା ଶୁଣୁଛି 'ଜଗା ତୁ ଥାଉ ଥାଉ'

- ଜଗା ତୁ ଯାଦୁଗର ପାର୍ଟ
- ଚର୍ଚ୍ଚାରେ ହିଟ୍ ଯୋଡ଼ି ଅଭିଜିତ-ରାମକୃଷ୍ଣ

'ମୁଁ ଅଳି କଲେ ତୁ ଆସିବେଉ... ମୁଁ ଗାଳି କଲେ ତୁ ଶୁଣିଥାଉ...' କିଛି ଏମିତି ଆପଣାପଣର ଧାଡ଼ିରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ପାଇଁ ଗୀତ। କାଳିଆ ସହ କଥାବାର୍ତ୍ତା କୁହନ୍ତୁ କି ଜଗନ୍ନାଥ ଜଣାଣ... ଭକ୍ତିର ଲୋରୀ କୁହନ୍ତୁ କି ଭକ୍ତର ଗୁହାରୀ... ଅଳି, ଅଝଟ ସବୁ ବୁଝନ୍ତି ଜଗନ୍ନାଥ। ଯାହା କୁହେ ଭକ୍ତ ତାହା ଶୁଣନ୍ତି କଳା ସାଆନ୍ତ। ପବିତ୍ର ରଥଯାତ୍ରା ଉପଲକ୍ଷେ ମୁକ୍ତିଲାଭ କରିଛି ସୁନ୍ଦର ଓଡ଼ିଆ ଭଜନ 'ଜଗା ତୁ ଥାଉ ଥାଉ'। ଭକ୍ତର ଭାବ-ଅଭାବ, ଅଳି-ଗାଳିକୁ ନେଇ ଶବ୍ଦ-ସ୍ୱରରେ ଗୁନ୍ଥା ହୋଇଥିବା ଏହି ସୁନ୍ଦର ଗୀତଟି ରଚନା କରିଛନ୍ତି ଯୁବ ଗୀତିକାର ରାମକୃଷ୍ଣ ବାରିକ। ନିଜର ଯାଦୁଗରୀ ସ୍ୱରରେ ପୁଣିଥରେ ଜଗନ୍ନାଥପ୍ରେମୀଙ୍କ ମନ ଜିଣିଛନ୍ତି ଅଭିଜିତ ମିଶ୍ର। ଏଥିରେ ସେ କଣ୍ଠଦାନ ସହ ସଙ୍ଗୀତ ନିର୍ଦ୍ଦେଶନାର ଭାର ସମ୍ଭାଳିଛନ୍ତି। ବଂଶୀ ବାଦକ ଜଗନ୍ନାଥ ମିଶ୍ରଙ୍କ କୁହୁକି ଧୁନ ଏବଂ ପ୍ରଶାନ୍ତ କୁମାରଙ୍କ ସାଉଣ୍ଡ ମାଷ୍ଟରିଂରେ ଜୀବନ୍ତ ହୋଇଛି ଭଜନର ପ୍ରତିଟି ଧାଡ଼ି।

ଅଭିଜିତ ମିଶ୍ର ୟୁଟ୍ୟୁବ ଚ୍ୟାନେଲରେ ଗୀତଟି ରିଲିଜ ହୋଇଥିବା ବେଳେ ୨୦୨୪ ମସିହାରେ ରିଲିଜ ହୋଇଥିବା ଲୋକପ୍ରିୟ ଭଜନ 'ଜଗା ତୁ ଯାଦୁଗର'ର ଏହା ସିକ୍ୱେଲ୍। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୟରେ ମୁକ୍ତିଲାଭ କରିଥିବା 'ଜଗା ତୁ ଯାଦୁଗର'କୁ ମିଳିଥିଲା ଇଣ୍ଡିଆନ୍ ମ୍ୟୁଜିକ୍ ଆୱାର୍ଡ୍-୨୦୨୪। ଏହି ଓଡ଼ିଆ ଭଜନକୁ ଜାତୀୟ ସ୍ତରରେ ସ୍ୱୀକୃତି ଓ ସମ୍ମାନ ମିଳିବା ପରେ ଓଡ଼ିଆ ଭଜନ ଜଗତରେ ଯୋଡ଼ି ହୋଇଥିଲା ଆଉ ଏକ ସ୍ୱର୍ଣ୍ଣିମ ପର୍ବ। ପରେ ପରେ ଏହି ଗୀତକୁ ଆପଣେଇ ନେଇଥିଲେ କୋଟି କୋଟି ଜଗନ୍ନାଥପ୍ରେମୀ। 'ଜଗା ତୁ ଯାଦୁଗର'ର ଆବୃତ୍ତି ଏତେମାତ୍ରାରେ ଯେ ଏହି ଗୀତକୁ ଦର୍ଶକ ଜଗନ୍ନାଥଙ୍କ ପାଇଁ ଏକ ସୁନ୍ଦର ଜଣାଣ ସହ ଘରେଘରେ ପରିଚିତ ଏକ ପ୍ରାର୍ଥନା ଭଳି ପାଳିଦେଇଛନ୍ତି। ଆଉ ଏବେ 'ଜଗା ତୁ ଥାଉ ଥାଉ' ଜିଣୁଛି ଶ୍ରୋତାଙ୍କ ହୃଦୟ।

'ଜଗା ତୁ ଯାଦୁଗର'ର ଅପୂର୍ବ ସଫଳତା ପରେ ହିଟ୍ ହୋଇଛି ଏହି ଗୀତିକାର-ସଙ୍ଗୀତକାର ଯୋଡ଼ି। କଣ୍ଠଶିଳ୍ପୀ ଅଭିଜିତ ମିଶ୍ର ଏବଂ ଗୀତିକାର ରାମକୃଷ୍ଣ ବାରିକ 'ଜଗା ତୁ ଯାଦୁଗର' ପାଇଁ ବେଶ ପ୍ରଶଂସା ଓ ପରିଚିତି ଲାଭ କରିଥିବା ବେଳେ ଉଭୟଙ୍କୁ ପସନ୍ଦ କରିଛନ୍ତି ଜଗନ୍ନାଥପ୍ରେମୀ। 'ଜଗା ତୁ ଯାଦୁଗର' ଯେମିତି ଘରେଘରେ ଆଦୃତ, ଏମାନଙ୍କ ଶବ୍ଦ ଓ ସ୍ୱରକୁ ବେଶ୍ ଭଲପାଇବା ଦେଉଛନ୍ତି ଶ୍ରୋତା।

ଇଞ୍ଜିନିୟରରୁ କଣ୍ଠଶିଳ୍ପୀ ସାଜିଥିବା ଅଭିଜିତ ଇତିମଧ୍ୟରେ ୧୬ ବର୍ଷର ସଙ୍ଗୀତ ଯାତ୍ରା କରିସାରିଲେଣି। ଦେଶ ବିଦେଶର ସଙ୍ଗୀତମଞ୍ଚ ଯାତ୍ରାରେ ସେ ଶତାଧିକ ଗୀତ ଓଡ଼ିଶାକୁ ଭେଟିଦେଇଛନ୍ତି। 'ସାତ ସୁରେ ବନ୍ଧା ଏ ଜୀବନ', 'ମୁଁ ଖେଳ କଳିଛି', ରସଗୋଲା ଗୀତ ଏବଂ ଶ୍ରୀମନ୍ଦିର ଗୀତ ଅଭିଜିତଙ୍କ ଯାଦୁଗରୀ ସ୍ୱରର ଗୋଟେ ଗୋଟେ ଅନନ୍ୟ ସ୍ୱାକ୍ଷର। ସେହିପରି ଯୁବ ସାମ୍ବାଦିକ ରାମକୃଷ୍ଣ ଉଭୟ ସାମ୍ବାଦିକତା ସହ ସାହିତ୍ୟରେ କଲମ ଚାଳନା କରୁଥିବା ବେଳେ ସଙ୍ଗୀତରେ ବି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କଲେଣି। 'ଜଗା ତୁ ଯାଦୁଗର' ତାଙ୍କର ପ୍ରଥମ ଭଜନ ହୋଇଥିବା ବେଳେ ପ୍ରଥମ ଗୀତରୁ ହିଁ ଜାତୀୟ ପୁରସ୍କାର ପାଇ ହିଟ୍ ହୋଇଛନ୍ତି ସେ। ଆଉ ଏବେ 'ଜଗା ତୁ ଥାଉ ଥାଉ' ମାଧ୍ୟମରେ ପୁନଃଶ୍ଚ ଏହି ହିଟ୍ ଯୋଡ଼ି ଦର୍ଶକଙ୍କ ମନ ଜିଣୁଛନ୍ତି।







ଲାଳନ ପାଳନ

# ବୈଚାରିକତା

ଅନେକ ଶିକ୍ଷିତ ହୋଇ ଭଲ ବୃତ୍ତିରେ ଥାଇପାରନ୍ତି କିନ୍ତୁ ସେମାନଙ୍କ ମଧ୍ୟରେ ବୈଚାରିକ ଚିନ୍ତାଧାରା ନଥାଏ। ସେମାନେ ଭାବନ୍ତି କେବଳ ଡିଗ୍ରୀଧାରୀ ହୋଇଗଲେ କି ଉଚ୍ଚଆସନରେ ବସିଗଲେ, ସେମାନେ ଦୁନିଆର ବଡଲୋକ ହୋଇଯାଆନ୍ତି ଓ ସେମାନଙ୍କୁ ଲୋକମାନେ ମାନସମ୍ମାନରେ ପୋତି ପକାନ୍ତି। ସମାଜରେ ଜଣେ ବଡ଼ଲୋକ ହିସାବରେ ଅନେକ ଲୋକ ସେମାନଙ୍କୁ ମର୍ଯ୍ୟାଦା ଦିଅନ୍ତୁ ଆଶା କରନ୍ତି। ବାସ୍ତବରେ ଯଦି ନିଜ ଭିତରେ କୌଣସି ବୈଚାରିକ ଚିନ୍ତାଧାରା ନଥାଏ, ଯେତେ ଶିକ୍ଷିତ ହେଲେ ବି ଜଣେ ଉତ୍ତମ ମଣିଷ ଭାବରେ ଗଣା ହୁଅନ୍ତି ନାହିଁ। ନିଜ ଭିତରେ ଥିବା ବିଚାରକୁ ସର୍ବଦା ଗୁରୁତ୍ୱ ଦେବା ଦରକାର। କୌଣସି ବିଚାର ଯଦି ନିଜ ଭିତରେ ନାହିଁ, ଅଥଳ ସାଗରରେ ଦିଶାହୀନ ନାବିକ ଭାବରେ ଜୀବନ ନିର୍ବାହ କରିବାକୁ ପଡ଼ିବ। ଅନେକ ଉଚ୍ଚଶିକ୍ଷିତଙ୍କ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ବିଚାର ନଥିବା କାରଣରୁ ଅନେକ ଭ୍ରମାତ୍ମକ କଥାକୁ ଗୁରୁତ୍ୱ ଦିଅନ୍ତି ଅବା ଅନେକ ଶସ୍ତା କଥାକୁ ମାଧ୍ୟମ କରି ବାକ୍‌ବିତଣ୍ଡା କରନ୍ତି। ଏହା ସେମାନଙ୍କୁ ବିଜ୍ଞ ନୁହେଁ ବରଂ ମୁର୍ଖତାର ପରିଚୟ ଦିଏ। ଏଣୁ ସର୍ବଦା କୌଣସି ବିଚାରରେ ରହି ଭଲ ଓ ମନ୍ଦ ଜାଣିବାର ଉତ୍କଣ୍ଠା ରଖିବା ଦରକାର। ବୈଚାରିକ ପରିବର୍ତ୍ତନ ଜୀବନକୁ ବାଟ କଢ଼ାଏ। ଅନେକ ଶିକ୍ଷିତ ଥିବେ କିନ୍ତୁ ସେମାନଙ୍କର ବିଚାର ଠିକ ନଥିବାରୁ ସେମାନେ କୌଣସି ଶୃଙ୍ଖଳାଗତ ଜୀବିକା ପାଇଁ ଉପଯୁକ୍ତ ହୋଇପାରନ୍ତି ନାହିଁ। ଅନେକଙ୍କ ବିଚାର ଠିକ ନଥିବାରୁ ସେମାନେ କୌଣସି ସ୍ଥିର ସିଦ୍ଧାନ୍ତରେ ପହଞ୍ଚିବା ସହଜ ହୋଇ ନଥାଏ।





ଜ୍ଞାନ ବିଜ୍ଞାନ

# ଡକ୍ଟର ପ୍ରାଣକୃଷ୍ଣ ପରିଜା





ସାଗରିକା ରାଉତ
ଜିଲ୍ଲା ବିଜ୍ଞାନ ପରିଦର୍ଶିକା, କଟକ

ଭାରତର ବିଭିନ୍ନ ପୋଖରୀ ଓ ନଦୀରେ ୱାଟର ହିଆନ୍ ସିଥ ବା ବିଲାତି ଦଳ ପ୍ରବଳ ଭାବରେ ମାରିଯାଉଥିଲା। ଜଳରେ ଦ୍ରବୀଭୂତ ଥିବା ଅମ୍ଳଜାନକୁ ଶୋଷଣ କରି ଶେଷ କରିଦେଉଥିଲା। ମାଛ ଚାଷ ପ୍ରବଳ ଭାବରେ ବାଧାପ୍ରାପ୍ତ ହେଉଥିଲା। ଡକ୍ଟର ପ୍ରାଣକୃଷ୍ଣ ପରିଜା ବିଲାତି ଦଳର ଶରୀର ଗଠନ ଏବଂ ବୃଦ୍ଧି ପ୍ରକ୍ରିୟାକୁ ଗଭୀର ଭାବରେ ଅନୁଧ୍ୟାନ କରିଥିଲେ। ସେ ଏହାକୁ ନଷ୍ଟ କରିବା ସହିତ ତାକୁ ଜୈବିକ ସାରରେ ପରିଣତ କରିବାର କୌଶଳ ପ୍ରସ୍ତୁତ କରିଥିଲେ। ଫଳରେ ମାଛ ଚାଷ ସଫଳତା ପାଇପାରିଲା ଏବଂ କୃଷକମାନେ ହାତ ପାଆନ୍ତାରେ ଜୈବିକ ସାର ପାଇପାରିଥିଲେ। ଚିଲିକା ହ୍ରଦରେ କେତେ ପ୍ରକାର ଜଳଜ ଉଦ୍ଭିଦ ଓ ଶୈବାଳ ପ୍ରବଳ ଭାବରେ ବଂଶ ବିସ୍ତାର କରିଥିଲେ। ସେଠାରେ ମାଛ ଚାଷ ଓ ନୌକା ପରିବହନ ବାଧାପ୍ରାପ୍ତ ହେଉଥିଲା। ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କର ପ୍ରଦର୍ଶିତ ଜ୍ଞାନ କୌଶଳ ସହାୟତାରେ ଚିଲିକା ବିପଦମୁକ୍ତ ହୋଇଥିଲା। ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ଥିଲା ଉଦ୍ଭିଦର ଶ୍ୱସନ କ୍ରିୟା ସମ୍ପର୍କିତ ସନ୍ଦର୍ଭ। କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ତାଙ୍କ ଗବେଷଣା ଗୁରୁ ବ୍ଲାକମ୍ୟାନଙ୍କ ସହ ମିଶି ସେ ଉଦ୍ଭିଦ ଶୋଷଣ ହାର ଏବଂ ଏହା ଉପରେ ଅମ୍ଳଜାନର ପ୍ରଭାବ ସମ୍ପର୍କରେ ଅନେକ ନୂତନ ତଥ୍ୟ ଆବିଷ୍କାର କରିଥିଲେ। ସେ ଆପେଲ ବା ସେଓ ଫଳକୁ ନେଇ ଦୀର୍ଘକାଳୀନ ପରୀକ୍ଷା କରିଥିଲେ। ଶୂନ୍ୟ ଅମ୍ଳଜାନ ପରିବେଶରେ ଫଳଗୁଡିକର ଶୋଷଣ କ୍ରିୟା କିପରି ବଦଳେ ତାହା ପ୍ରମାଣ କରିଥିଲେ। ବ୍ଲାକମ୍ୟାନ ଆଣ୍ଡ ପରିଜା ଥିଓରୀ ନାମରେ ତାଙ୍କର ସନ୍ଦର୍ଭ ବିଖ୍ୟାତ। ଫଳର ସଂରକ୍ଷଣ ଏବଂ ଏହାକୁ ପଚି ଯିବାରୁ ରକ୍ଷା କରିବା ପାଇଁ ଏହି ତତ୍ତ୍ୱ କୃଷି ଭିତ୍ତିକ ଶିଳ୍ପରେ ଆଜି ମଧ୍ୟ ବ୍ୟବହାର କରାଯାଉଛି । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ମିତ୍ର ପକ୍ଷ ସେନା ଏହି ଉପାୟ ଅବଲମ୍ବନ କରି ନିଜର ଖାଦ୍ୟ ସାମଗ୍ରୀ ସୁରକ୍ଷିତ ରଖି ଥିଲା । ଓଡିଶାରେ ପ୍ରତି ବର୍ଷ ବନ୍ୟା ଅସୁଥିଲା । ଧାନ ଧୋଇ ଯାଉଥିଲା । ଏଣୁ ସେ ବନ୍ୟା ପାଣି ସହଣୀ ଧାନ ବିହନ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ । କେତେ ଗୁଡିଏ କିସମ ଧାନ ବିହନ ତିଆରି ହେଲା । ସେଗୁଡିକ ପାଣିରେ ବୁଡି ରହିଲେ ନଷ୍ଟ ହେଲା ନାହିଁ । ଧାନ ବିହନ କେତେଦିନ ପର୍ଯ୍ୟନ୍ତ ଗଜା ଧରିବା କ୍ଷମତା ରଖେ ଏବଂ କେତେଦିନ ପର୍ଯ୍ୟନ୍ତ ଏହାର ସୁପ୍ତ ଅବସ୍ଥାକୁ ନିୟନ୍ତ୍ରଣ କରାଯାଇ ପାରିବ ତାହା ନିର୍ଦ୍ଧାରଣ କରାଇ ଥିଲେ। ତାଙ୍କର ଗବେଷଣା ପରୀକ୍ଷାଗାର ଭିତରେ ସୀମିତ ନଥିଲା । ସେ ସର୍ବଦା ସମାଜ ଓ କୃଷକଙ୍କ ହିତ ପାଇଁ ଉଦ୍ଭାବନ କରୁଥିଲେ। ଜାତୀୟ ବିଜ୍ଞାନ କଂଗ୍ରେସର ସଭାପତି ଓ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ସେ ଶିକ୍ଷା ଓ ବିଜ୍ଞାନ ପ୍ରସାର ରେ ଉନ୍ନତି ଆଣିଛନ୍ତି।

ପ୍ରଚ୍ଛଦ

# ଉପାସନାରେ ଜାତୀୟ ସଂହତି

ବିକ୍ରମ କେଶରୀ ବିଶ୍ୱାଳ



**ଶ୍ରୀଜଗନ୍ନାଥଙ୍କର ଉପାସନା ମାନବିକ ମୂଲ୍ୟବୋଧକୁ ଆଧାର କରି ବିକାଶ ଲାଭ କରିଛି। ଜଗତ ଓ ଜଗନ୍ନାଥଙ୍କ ମଧ୍ୟରେ ଯେପରି କୌଣସି ପ୍ରଭେଦ ନାହିଁ, ଜଗତରେ ଦେହ ଧାରଣ କରିଥିବା ମଣିଷ ଓ ମହାପ୍ରଭୁଙ୍କ ମଧ୍ୟରେ ସେପରି କିଛି ପ୍ରଭେଦ ନାହିଁ। ଏହା ହିଁ ତାଙ୍କ ଉପାସନାର ସାମାଜିକ ବାର୍ତ୍ତା। ଯଥା ଦେହେ ତଥା ଦେବେ ଭାରତୀୟ ସନାତନ ପରମ୍ପରାରେ ପ୍ରତିଫଳିତ। ଏହି ଯାନିଯାତ୍ରା ହିଁ ଜାତୀୟ ସଂହତିର ଆଧାର ସ୍ତମ୍ଭ। ଏଥିରେ ଗହଣା ଠାରୁ ପୋଷାକ, ହସ୍ତଶିଳ୍ପ, ଯାନବାହାନ, କାଠର କାରୁକାର୍ଯ୍ୟ, ବାସନକୁସନ, ଫୁଲ, ପତ୍ର ଓ ପାରମ୍ପରିକ ଖାଦ୍ୟପେୟ ଜଡ଼ିତ ରହିଛି। ଜଡ଼ିତ ରହିବାର ରହସ୍ୟ ହେଉଛି ସମାଜରେ ସବୁ ବର୍ଗର ଲୋକେ ଉପାସନାର ନିକଟତର ହୋଇ ରହିବେ। ସମାଜରେ ସଂହତି ଓ ସହାବସ୍ଥାନ ପରମ୍ପରାର ଏହା ହେଉଛି ମୌଳିକ ସୂତ୍ର।**

**ଜାନୁୟାରୀ : ପୋଷାକ** - ଭାରତରେ ଋତୁ ଅନୁଯାୟୀ ବେଶପୋଷାକ ପରିଧାନ ପରମ୍ପରା ବହୁ ପ୍ରାଚୀନ। ଗୋଟିଏ ସଭ୍ୟ, ସଂସ୍କୃତିସମ୍ପନ୍ନ ଜାତିର ଆଭିଜାତ୍ୟ ଓ ସଂସ୍କାରର ସ୍ମାରକ ହେଉଛି ପୋଷାକ। କେବଳ ଜଳବାୟୁ ପରିବର୍ତ୍ତନକୁ ଲକ୍ଷ୍ୟ କରି ଏହା ପ୍ରଚଳିତ ନୁହେଁ। ଏହା ପଛରେ ବୈଜ୍ଞାନିକ ଭିତ୍ତିଭୂମି ମଧ୍ୟ ରହିଛି। ମଣିଷଟିର ଶୀତରେ ଶୀତ ପୋଷାକ ଓ ଗରମରେ ହାଲକା ପୋଷାକ ମର୍ଯ୍ୟାଦାର ସୀମା ମଧ୍ୟରେ ପରିଧାନ କଲାପରି ମହାପ୍ରଭୁ ମଧ୍ୟ ପରିଧାନ କରିଥାନ୍ତି।

**ଫେବୃଆରୀ : ଗହଣା** - ଭାରତୀୟ ସଂସ୍କୃତିରେ ସୌନ୍ଦର୍ଯ୍ୟବୋଧ ପରମ୍ପରା ଖୁବ ପ୍ରାଚୀନ। ଶାରୀରିକ ସୌନ୍ଦର୍ଯ୍ୟବୋଧ ପାଇଁ ପୋଷାକ ସହ ଗହଣା ବ୍ୟବହାର କରାଯାଏ। ସୁନା, ରୁପା, ହୀରା, ଲୀଳା, ମୋତି ଓ ମାଣିକ ପ୍ରଭୃତି ବିଭିନ୍ନ ଧାତୁରେ ଗହଣା ବିଭିନ୍ନ ରଙ୍ଗର ସୌନ୍ଦର୍ଯ୍ୟ ପାଇଁ ପିନ୍ଧାଯାଇଥାଏ। ମହାପ୍ରଭୁ ବର୍ଷକ ଭିତରେ ପାଞ୍ଚଟି ସୁନାବେଶ ମଧ୍ୟରେ ଏବଂ ଅନ୍ୟାନ୍ୟ କେତେକ ବେଶରେ ବିଭିନ୍ନ ଧାତୁର ଗହଣା ପିନ୍ଧିଥାନ୍ତି।

**ମାର୍ଚ୍ଚ : ପାରମ୍ପରିକ ଖାଦ୍ୟ** - ଭାରତ ବର୍ଷର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରଚଳନ ରହିଛି। ଆଶ୍ଚର୍ଯ୍ୟ କଥା ଭାରତର ସବୁ ଅଞ୍ଚଳର ସାତ୍ତ୍ୱିକ ଖାଦ୍ୟ ଶ୍ରୀଜଗନ୍ନାଥଙ୍କ ଉପାସନାରେ ସାମିଲ ରହିଥିବା ଦେଖାଯାଏ। ପ୍ରତ୍ୟେକ ପ୍ରଦେଶର ଗୋଟିଏ ଗୋଟିଏ ପାରମ୍ପରିକ ଖାଦ୍ୟକୁ ଯଦି ଉଦାହରଣ ଭାବରେ ଗ୍ରହଣ କରି ଆଲୋଚନା କରିବା ତେବେ ଜାଣିହେବ ମହାପ୍ରଭୁଙ୍କ ପାଖରେ ପ୍ରଚଳିତ ଖାଦ୍ୟ ପରମ୍ପରା ମଧ୍ୟ ଜାତୀୟ ସଂହତିର ପ୍ରତୀକ।

**ଏପ୍ରିଲ : ଶୀତଳ ଭୋଗ** - ଶ୍ରୀଜଗନ୍ନାଥଙ୍କ ବାଳଭୋଗ ପରମ୍ପରାର ଐତିହ୍ୟ ଭକ୍ତି ଓ ଭାବର ନିଛକ ଉଦାହରଣ। ଏହି ଭୋଗରେ ରନ୍ଧା ହୋଇଥିବା ଖାଦ୍ୟ ବଢ଼ାଯାଏ ନାହିଁ। ଶୁଖିଲା ବା ଶୀତଳ ଭୋଗ ବଢ଼ାଯାଏ। ଏଥିରେ କେତେକ ନିର୍ଦ୍ଦିଷ୍ଟ ପାରମ୍ପରିକ ଖାଦ୍ୟ ସାମଗ୍ରୀ ଅର୍ପଣ କରାଯାଏ। ଯାହା ଆୟୁର୍ବେଦ ବିଜ୍ଞାନ ଅନୁଯାୟୀ ସମର୍ଥିତ।

**ମେ : ବାସନକୁସନ** - ମହାପ୍ରଭୁଙ୍କ ଉପାସନାରେ ପାକଶାଳାରେ ସ୍ନାନଯାତ୍ରାରେ, ରଥଯାତ୍ରା ଅବସରରେ, କୋଠଭୋଗ ବାଢ଼ିବା ବେଳରେ ଏବଂ ବିଜେ ପ୍ରତିମା ମାନଙ୍କର ବାହାର ବିଜେ ସମୟରେ ସ୍ୱତନ୍ତ୍ର ଧରଣର ବାସନ ବ୍ୟବହାର କରାଯାଏ। ଏହି ବାସନ ଗୁଡ଼ିକ ପିତ୍ତଳ, କଂସା, ରୁପା ଓ ସୁନାରେ ନିର୍ମିତ ହୋଇଅଛି। ପ୍ରାଚୀନ ଭାରତୀୟ ପରମ୍ପରାରେ ବାସନ ମଧ୍ୟ ଏଥିରେ ଦେଖିବାକୁ ମିଳେ।



**ଜୁନ : କାଠର କାରୁକାର୍ଯ୍ୟ** - ଶ୍ରୀଜଗନ୍ନାଥଙ୍କର ପୋଷାକ ଠାରୁ ଅଳଙ୍କାର ପର୍ଯ୍ୟନ୍ତ ସବୁକ୍ଷେତ୍ରରେ କାରୁକାର୍ଯ୍ୟ ପରାକାଷ୍ଠା ଦେଖାଯାଏ। ତାଙ୍କ ଉପାସନାରେ ବ୍ୟବହୃତ କାଠ ସାମଗ୍ରୀର ମଧ୍ୟ କାରୁକାର୍ଯ୍ୟ ଲକ୍ଷ୍ୟ କରାଯାଏ। ସେ ସ୍ୱୟଂ ଦାରୁବିଗ୍ରହ ରୂପ ଧାରଣ କରିଛନ୍ତି। ତାଙ୍କ ବ୍ୟବହାର ପାଇଁ ଶାସ୍ତ୍ର ଅନୁଯାୟୀ ନିର୍ଦ୍ଦିଷ୍ଟ କାଠରେ ପ୍ରସ୍ତୁତ ସାମଗ୍ରୀ ମଧ୍ୟ ସ୍ୱତନ୍ତ୍ର ନାମ ବହନ କରିଥାଏ।

**ଜୁଲାଇ : ଯାନବାହନ** - ଭାରତରେ ମନ୍ଦିରରୁ ମୂଳ ବିଗ୍ରହ ବାହାରକୁ ଯାନିଯାତ୍ରା କାଳରେ ଆସିବା ବିଶେଷ ଦେଖାଯାଏ ନାହିଁ। କିନ୍ତୁ ଶ୍ରୀଜଗନ୍ନାଥ ଧାମରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ୱୟଂ ରତ୍ନସିଂହାସନ ତ୍ୟାଗ କରି ଜଗନଗଣଙ୍କ ମେଳକୁ ଓହ୍ଲାଇ ଆସନ୍ତି। ସେଥିପାଇଁ ସେ ବ୍ୟବହାର କରନ୍ତି ରଥଯାନ। ତାଙ୍କ ବିଜେ ପ୍ରତିମାମାନେ ଚନ୍ଦନଯାତ୍ରାରେ ବ୍ୟବହାର କରନ୍ତି ମଣିବିମାନ ଓ ପାଲିଙ୍କି। ଅନ୍ୟ ବାହାର ବିଜେ କାଳରେ ମହାପ୍ରଭୁଙ୍କ ବିଜେ ପ୍ରତିମା ଚଉଦୋଳରେ ବିଜେ କରନ୍ତି।

**ଅଗଷ୍ଟ : କାରୁକାର୍ଯ୍ୟ** - ସୋଲର କାରୁକାର୍ଯ୍ୟ ଭାରତୀୟ ସୌନ୍ଦର୍ଯ୍ୟବୋଧର ଅନ୍ୟତମ ବିଭବ। ଦେଶରେ ଅନେକ ଅଞ୍ଚଳରେ ସୋଲ କାରୁକାର୍ଯ୍ୟ ଦେଖାଯାଏ। ଓଡ଼ିଶାର ପାରମ୍ପରିକ ସୋଲର କାରୁକାର୍ଯ୍ୟ ଶ୍ରୀଜଗନ୍ନାଥଙ୍କ ବେଶରେ ଦେଖାଯାଏ।

**ସେପ୍ଟେମ୍ବର : ହସ୍ତଶିଳ୍ପ କଳା** - ହାତତିଆରି ଶିଳ୍ପକଳାର ଚାତୁରି ଆଜି ବି ବିଶ୍ୱର ସୌନ୍ଦର୍ଯ୍ୟ ପିପାସୁଙ୍କୁ ଆସିବାକୁ ବାଧ୍ୟ କରେ ଭାରତକୁ। ଭାରତର ହସ୍ତଶିଳ୍ପ କଳା ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଚିନ୍ତାନାୟକମାନଙ୍କୁ ବିମୁଗ୍ଧ କରିଆସିଛି। ମହାପ୍ରଭୁଙ୍କ ଉପାସନାରେ ହସ୍ତ ଶିଳ୍ପ କଳାର ଶ୍ରେଷ୍ଠ କୃତିମାନ ସାମିଲ ହୋଇଥିବା ଦେଖାଯାଏ।

**ଅକ୍ଟୋବର : କୋଠଭୋଗ** - ଶ୍ରୀଜଗନ୍ନାଥଙ୍କ ପୂଜା ଅବସରରେ କୋଠଭୋଗ ପରମ୍ପରା ରହିଥିବା ଜଣାଯାଏ। ଓଡ଼ିଶାର ଗଜପତି ମହାରାଜାମାନେ ନିଜ ପକ୍ଷରୁ ସ୍ୱତନ୍ତ୍ର ଭାବରେ ସ୍ଥାବର ସମ୍ପତ୍ତି ଖଞ୍ଜାଦେଇ ଏହି ଭୋଗକୁ ପ୍ରଚଳନ କରିଥିଲେ। ଏଥିପାଇଁ ସ୍ୱତନ୍ତ୍ର ସେବକ ବ୍ୟବସ୍ଥା ମଧ୍ୟ କରିଥିଲେ। ସେମାନଙ୍କୁ କୋଠଭୋଗ ସୁଆର ଓ କୋଠଭୋଗ ମହାସୁଆର କୁହାଯାଉଛି।

**ନଭେମ୍ବର : ଫୁଲ ଓ ପତ୍ର** - ଫୁଲ ହେଉଛି ଉପାସନାର ଅବିଚ୍ଛେଦ୍ୟ ଅଙ୍ଗ। ଷୋଡ଼ଶ ଉପଚାରର ପୂଜା କାଳରେ କେବଳ ଯେ ଫୁଲର ଆବଶ୍ୟକତା ଥାଏ, ତାହା ନୁହେଁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବେଶ ପାଇଁ ଫୁଲ ହେଉଛି ମୁଖ୍ୟ ଆଧାର। ଦୈନିକ ନୀତି ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ପହଡ଼ ପର୍ଯ୍ୟନ୍ତ ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ହୋଇଥିବା



ଫୁଲର ଆବଶ୍ୟକତା ରହିଛି। ଝୁଡ଼ାଫୁଲ ସହିତ ଫୁଲମାଳ, ହସ୍ତପଦକ, ହୃଦପଦକ, ଝୁମ୍ପା ପ୍ରଭୃତି ସ୍ୱତନ୍ତ୍ର ଶୈଳୀରେ ପ୍ରସ୍ତୁତ କରାଯାଏ। ଏଥିରେ ପତ୍ରର ବ୍ୟବହାର ମଧ୍ୟ ଦେଖାଯାଏ। ତୁଳସୀ, ଦୟଣା ଓ ମରୁଆପତ୍ର ମହାପ୍ରଭୁଙ୍କ ପୁଷ୍ପ ସମ୍ଭାରର ଗୁରୁତ୍ୱପୂର୍ଣ୍ଣ ବିଭବ। ସ୍ୱତନ୍ତ୍ର ପୁଷ୍ପ ବେଶ ମଧ୍ୟ ଖୁବ ମନୋମୁଗ୍ଧକର।

**ଡିସେମ୍ବର : ମାଟି ନିର୍ମିତ ପାତ୍ର** - ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତିରେ ବାଇହାଣ୍ଡି, ସମାଧିହାଣ୍ଡି, ମଠକୁଣ୍ଡୁଆ, ସରା, ଓଳି ଓ ତାଡ଼ ବ୍ୟବହୃତ ହୋଇଥାଏ। ଏଗୁଡ଼ିକ ମାଟିରେ ତିଆରି। ଏହା ଏକ ସ୍ୱତନ୍ତ୍ର ଶୈଳୀ ଓ ମାପରେ କୁମ୍ଭାର ସେବକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ। ରଥ ଉପରେ ସମର୍ପଣ ହେଉଥିବା ଅଧରପଣା ପାଇଁ ଏକ ସ୍ୱତନ୍ତ୍ର ହାଣ୍ଡି ନିର୍ମାଣ ହୁଏ, ଯାହାକୁ ଅଧରହାଣ୍ଡି କୁହାଯାଏ। ପ୍ରତ୍ୟେକ ମାଟି ନିର୍ମିତ ପାତ୍ର ପଛରେ ଗୋଟିଏ ଗୋଟିଏ ଐତିହ୍ୟ ରହିଛି।

ଯାଜପୁର ରୋଡ଼, ଯାଜପୁର,
ଦୂରଭାଷ : ୯୯୩୮୫୩୬୦୭୬

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର



# ଶିଶୁଙ୍କ ପାଇଁ ବର୍ଷାଦିନିଆ ସିଜିନାଲ ଫ୍ଲୁ

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ମୌସୁମୀ ବର୍ଷା, ଲଗାଣ ବର୍ଷା ଆରମ୍ଭ ହୋଇଗଲାଣି । ଏହି ସମୟରେ ପିଲାମାନେ ଅନେକ ଶାରୀରିକ ସମସ୍ୟାକୁ ସାମ୍ନା କରିଥାନ୍ତି । ବର୍ଷା ଦିନଟି ବାସ୍ତବରେ ଆନନ୍ଦଦାୟକ ହୋଇଥିଲେ ମଧ୍ୟ ସତର୍କତା ଅବଲମ୍ବନ କଲେ ଏହା ପିଲାମାନଙ୍କ ପାଇଁ କୌଣସି ଜଟିଳ ରୋଗ ବାଧକର କାରଣ ହେବନାହିଁ । ବର୍ଷା ଦିନେ ମଶା ମାଛିଙ୍କ ବଂଶବୃଦ୍ଧି ଘଟିଥାଏ । ଫଳରେ ବିଭିନ୍ନ ଭାଇରସ ଦ୍ୱାରା ପିଲାଙ୍କ ଠାରେ ସିଜନାଲ ଫ୍ଲୁ ଜଣ୍ଡିସ, ନିମୋନିଆ, ଡାଇରିଆ, ଡିସେଣ୍ଟ୍ରି, ଟାଇଫଏଡ୍, ଡେଙ୍ଗୁ ଓ ମ୍ୟାଲେରିଆ ଆଦି ରୋଗ ହୋଇଥାଏ । ଜ୍ୱର, ଛିଙ୍କ, ଥଣ୍ଡା, ମୁଣ୍ଡବିନ୍ଧା, ଗୋଡ଼ହାତ ବିନ୍ଧା ଓ ହାଲିଆ ଲାଗିବା ହେଉଛି ସିଜିନାଲ ଫ୍ଲୁର ଲକ୍ଷଣ । କମନ କୋଲଡ଼ ସାଧାରଣତଃ ତିନିରୁ ପାଞ୍ଚ ଦିନ ମଧ୍ୟରେ ଭଲ ହୋଇଯାଏ । ଓଆରଏସ ପାଣି, ପାରାସିଟାମଲ ଓ ସାଧାରଣ ଥଣ୍ଡା ଔଷଧରେ ଏହି ରୋଗ ଭଲ ହୋଇଥାଏ । ସିଜିନାଲ ଫ୍ଲୁ କିନ୍ତୁ ପୁଷ୍ଟିହୀନ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ପିଲାଙ୍କ ପାଇଁ ମାରାତ୍ମକ ହୋଇପାରେ । ଏପରି ସ୍ଥଳେ ତୁରନ୍ତ ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଉଚିତ ।

ବର୍ଷାଦିନେ ବିଶେଷକରି ନବଜାତ ପିଲାମାନଙ୍କୁ ଜଣ୍ଡିସ ହେବାର ଦେଖା ଦେଇଥାଏ । ଜଣ୍ଡିସକୁ ନେଇ ସଚେତନତାର ଅଭାବରୁ ଅଭିଭାବକମାନେ ଅସ୍ତବ୍ୟସ୍ତ ହୋଇପଡ଼ିଥାନ୍ତି ଓ ଧୈର୍ଯ୍ୟହରା ହୋଇ ସେମାନେ ଚିକିତ୍ସା ବିଳମ୍ବିତ କରିଥାନ୍ତି କିମ୍ବା ଅବହେଳା ମଧ୍ୟ କରିଥାନ୍ତି । ତେବେ ମୂଳ କଥା ହେଉଛି ସାଧାରଣତଃ ହେପାଟାଇଟିସ ଏ, ବା ଇ, ଦ୍ୱାରା ଏହା ହୋଇଥାଏ । ମା'ଙ୍କ ବ୍ଲଡ଼ଗ୍ରୁପ ଯଦି 'ଓ' ଓ ପିଲାର 'ଏ' କିମ୍ବା 'ବି' ଅଥବା ମା'ର ନେଗେଟିଭ ଓ ପିଲାର ପଜିଟିଭ ବା ମା'ର ଥାଇରଏଡ଼ କି ଅନ୍ୟ ଜନ୍ମଗତ ରୋଗ ଥିବ କିମ୍ବା ଶିଶୁର ଅପରିପକ୍ୱ ଜନ୍ମ ହୋଇଥିବ ତେବେ ଜଣ୍ଡିସ ହେବାର ଆଶଙ୍କା ଅଧିକ । ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ । ଏଥିରେ ପିଲାକୁ ହସ୍ପିଟାଲରେ ରଖି ଚିକିତ୍ସା କରିବା ଉଚିତ ।

ସାଧାରଣତଃ ବର୍ଷାଦିନକୁ ନେଇ ବା ଲଗାଣ ବର୍ଷାକୁ ନେଇ ସେପରି କିଛି ଆତଙ୍କିତ ହେବାର କାରଣ ନାହିଁ । ତେବେ ବର୍ଷା ଦିନେ ସର୍ବନିମ୍ନ ସ୍ୱାସ୍ଥ୍ୟ ସତର୍କତା ଅବଲମ୍ବନ କଲେ ପିଲାଟି ପାଇଁ ଏହି ଋତୁ କଷ୍ଟ ଦାୟକ ନହୋଇ ବରଂ ଆନନ୍ଦ ଦାୟକ ସାବ୍ୟସ୍ତ ହୋଇପାରିବ । ବର୍ଷାଦିନରେ ପିଲାଙ୍କ ହାତକୁ ବାରମ୍ବାର ଧୋଇ ସଫା କରିବା ସହ ସେମାନଙ୍କୁ ଫୁଟାପାଣ ପିଆଇବା, ଗରମ ଘରରନ୍ଧା ଖାଦ୍ୟ ଖୁଆଇବା, ଘର ଓ ଘରର ଚାରିପଟକୁ ପରିଚ୍ଛନ୍ନ ରଖିବା, ମଶାରି ଲଗାଇ ଶୁଆଇବା, ଫୁଲ ସାର୍ଟ ବା ଫୁଲ ପ୍ୟାଣ୍ଟ ପିନ୍ଧାଇବା ଦରକାର । ବର୍ଷାଋତୁ ଆରମ୍ଭରେ ଫ୍ଲୁ ଟିକା ଏବଂ ଡାକ୍ତରଙ୍କ ପରାମର୍ଶରେ ହେପାଟାଇଟିସ ଏ ଓ ଟାଇଫଏଡ଼ ଟିକା ନେବା ଉଚିତ ।

ସର୍ବ ପ୍ରଥମେ ପିଲାଟିକୁ କୌଣସି ରୋଗ ଯନ୍ତ୍ରଣା ହେଲେ ନିଶ୍ଚିନ୍ତ ଭାବେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ଏବଂ ସବୁ କ୍ଷେତ୍ରରେ ସରକାରୀ ଡାକ୍ତରଖାନାର ସୁଯୋଗ ହିଁ ନିଅନ୍ତୁ । ପିଲାଟିର ରୋଗ ପ୍ରତିରୋଧକ ଶକ୍ତି କିପରି ବୃଦ୍ଧି ପାଇବ ସେ ଦିଗକୁ ଅନେକ ଅଭିଭାବକ ଅଣଦେଖା କରିଥାନ୍ତି । ଯାହାଦ୍ୱାରା ପିଲାବେଳୁ ସେମାନେ ଅନେକ ରୋଗର ପରିପାର୍ଶ୍ୱିକ ପ୍ରତିକ୍ରିୟା ଓ ଯନ୍ତ୍ରଣାକୁ ସାମ୍ନା କରିଥାନ୍ତି । ପିଲାଙ୍କୁ ନିୟମିତ ସବୁଜ ପନିପରିବା ଓ ଫଳ ଦେବା ଉଚିତ । ଏଥିସହ ଜଙ୍କ ଫୁଡରୁ ଦୂରେଇ ରଖିବା ବିଧେୟ । ସେମାନଙ୍କୁ ଖେଳକୁଦ କରାଇବା ଦ୍ୱାରା ଖାଦ୍ୟ ହଜମ ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ ।

ପିଲାମାନଙ୍କୁ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଘରୋଇ ଉପଚାର କରିବା ମଧ୍ୟ ଯେ ଅନୁପଯୁକ୍ତ ଆମେ କହୁନାହୁଁ । ଘରୋଇ ଉପଚାର ସବୁଠାରୁ ଭଲ ।



ବର୍ଷା ଦିନରେ ଚର୍ମରୋଗ ଅଧିକ ଦେଖାଯାଏ । ସେଥିପାଇଁ ଘରେ ନଡ଼ିଆ ତେଲ ଲଗାଇ ପାରିବେ । ହଳଦୀ ଲଗାଇବା ସହିତ ସକାଳେ କଞ୍ଚା ହଳଦୀ ଖାଇବା ଦ୍ୱାରା ଶରୀରରୁ କୃମି ନାଶ ହୋଇଥାଏ । କିନ୍ତୁ ସବୁବେଳେ ଘରୋଇ ଉପଚାରକୁ ପ୍ରାଧାନ୍ୟ ନ ଦେଇ ଦେହ ଅଧିକ ଖରାପ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ସବୁବେଳେ କୌଣସି ପ୍ରକାର ଦେଶୀୟ ଚିକିତ୍ସା ବା ଗୁଣୀ ଗାରେଡ଼ି ଚିକିତ୍ସା ଗ୍ରହଣ ନକରି ବରଂ ନିକଟସ୍ଥ ସରକାରୀ ଡାକ୍ତରଖାନା ବା ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ସରକାର ଶିଶୁ ରୋଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବିଚାର କରି ପିଲାଟିର ସମସ୍ତ ପ୍ରକାର ଡାକ୍ତରୀ ପରାମର୍ଶ, ପରୀକ୍ଷା ନିରୀକ୍ଷା, ଟୀକା ଓ ଔଷଧ ମାଗଣାରେ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ । ପିଲାଟିର ସ୍ୱାସ୍ଥ୍ୟ ଦିଗକୁ ଦେଖି ଅଧୈର୍ଯ୍ୟ ନହୋଇ ପିଲାଟିକୁ ବରଂ ଧୈର୍ଯ୍ୟ ଦିଅନ୍ତୁ ଏବଂ ଭଗବାନଙ୍କ ଉପରେ ଭରଷା ରଖନ୍ତୁ । ଆପଣଙ୍କ ସର୍ବନିମ୍ନ ସତର୍କତା, ଦୃଢ଼ ବିଶ୍ୱାସ, ଡାକ୍ତରଙ୍କ ଉପରେ ଭରଷା ଓ ଡାକ୍ତରୀ ଚିକିତ୍ସା ସମ୍ବନ୍ଧିତ ପ୍ରଣାଳୀ ଗ୍ରହଣ କଲେ ପିଲାଟି ନିରୋଗ ହୋଇପାରିବ ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**
E-mail : drjyotiranjanchampatray123@gmail.com





ମହକ

# ବିଜ୍ଞାପିତ ବଦାନ୍ୟତା



ମନ୍ଦିର ତୋଳା ସରିଲା। ଇନ୍ଦ୍ରଦ୍ୟୁମ୍ନ ବର ମାଗିବା ଛଳରେ ନିର୍ବଂଶ ହେବାର ଯେଉଁ ଇଚ୍ଛା ପୋଷଣ କଲେ, ସମସ୍ତେ ଯେମିତି ତାଜୁବ ହୋଇଯାଇଥିଲେ। ସେ ଚାହୁଁଥିଲେ ଏତେ ବଡ଼ ମନ୍ଦିର ତୋଳାଇବା ପଛରେ ଏମିତି କେହି ଦାୟାଦ ନରୁହନ୍ତୁ, ଯିଏ କି ନିଜ ବାପ-ଗୋସାପ କି ବଂଶ ବୁନିୟାଦରେ ତୋଳାଇଥିଲେ ବୋଲି ଗର୍ବ କରି ଛାତି ଫୁଲେଇ କାହାକୁ ନା କାହାକୁ କହିବେ। ଭାରତବର୍ଷରେ କେବଳ ଏହି ଗୋଟିଏ ଉଦାହରଣ ନୁହେଁ, ଅନେକ ଏମିତି ହଜାର ହଜାର ଘଟଣା ଭବିଷ୍ୟତ ବଂଶଧରଙ୍କ ପାଇଁ ଇତିହାସ ସାଇତି ରଖିଛି। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମାନବିକତା ଯେମିତି ରହିଛି, ବଦାନ୍ୟତା ବି ସେମିତି ତାହାର ପ୍ରତିରୂପ ହୋଇ ରହିଛି କାଳକାଳରୁ। ଧନୀକ ଓ ଆଭିଜାତ୍ୟ ବଂଶର ଲୋକମାନେ ଦାନଧର୍ମ ଆଳରେ ଗରିବ, ଅସହାୟ, ନିରାଶ୍ରୟଙ୍କୁ ସବୁବେଳେ ବଦାନ୍ୟତା ଦେଖାଇବା ଆଜି ନୂଆ ନୁହେଁ। ମାନବ ସମାଜର କଲ୍ୟାଣ ପାଇଁ ଅନେକ ଲୋକ ନିଜ ନାଁକୁ ଯେତିକି ଗୁରୁତ୍ୱ ଦେଇ ନାହାନ୍ତି, ତାଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି ନିଜର ସାମାଜିକ କର୍ତ୍ତବ୍ୟବୋଧ ପ୍ରତି ଯାହା ଜନସାଧାରଣଙ୍କର ମଙ୍ଗଳ ସର୍ବକାଳେ ହୋଇପାରିବ ବୋଲି ବିଶ୍ୱାସ ରଖି। ଭାରତବର୍ଷର ଇତିହାସ କେବଳ ଦାନଧର୍ମ ନୁହେଁ ଯେଉଁ ସୁମହାନତାକୁ ଧରି ରଖିଛି, ସେଥିପାଇଁ ତ ସାରାବିଶ୍ୱରେ ଭିନ୍ନ ଏକ ବୈଶିଷ୍ଟ୍ୟକୁ ବହନ କରେ।

ଦେଶରେ ବିପଦ ହେଉ ଅବା ଯେକୌଣସି ଜାତୀୟ ବିପର୍ଯ୍ୟୟ ହେଉ, ସବୁବେଳେ ବଦାନ୍ୟ ବ୍ୟକ୍ତିଙ୍କର ଦାନ ଗରିବଲୋକଙ୍କ ପ୍ରତି ସହାୟ ହୋଇପାରିଛି, ଏହାକୁ ଖଣ୍ଡନ କରାଯାଇ ନପାରେ। କିନ୍ତୁ କିଛିବର୍ଷ ହେଲା ଏହାର ବ୍ୟତିକ୍ରମ ଦେଖାଯାଇଥିବାର ଲକ୍ଷ୍ୟ କରାଯାଉଛି। ସାହାଯ୍ୟର ହାତ ବଢ଼ାଇବାକୁ ଯାଇ ରିଲିଫ୍ ହେଉ ଅବା ସହାୟତା ପ୍ରଦାନ କରିବା ବେଳେ ନିଜର ବଦାନ୍ୟତାର ବିଜ୍ଞାପିତ ମଧ୍ୟ କରିବାକୁ ଅନେକ ଲୋକ ପଛାଇ ଯାଉନାହାନ୍ତି। ପ୍ରଥମେ ପ୍ରଥମେ ଦେଖାଯାଉଥିଲା କିଛି ସଙ୍ଗଠନ ରିଲିଫ୍ ବାଣ୍ଟିବା ସମୟରେ ବ୍ୟାନର ଲଗାଇ ଅସହାୟ ବା ବିପନ୍ନଙ୍କୁ ସାହାଯ୍ୟର ହାତ ବଢ଼ାଉଥିଲେ। କ୍ରମଶଃ ସୋସିଆଲ ମିଡ଼ିଆର ଅଭ୍ୟୁଦୟ ଘଟିବା ପରେ ବଦାନ୍ୟତା ଅଧିକ ବିଜ୍ଞାପିତ ହେବାର ଦେଖାଯାଉଛି। ଯେଉଁମାନେ ସାମୟିକ ଭାବରେ କାହାକୁ ସାହାଯ୍ୟ କି ସହଯୋଗ କଲେ, ତାହା ସେମାନେ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଦେଶସେବାର ନମୁନା ଯେମିତି ଦେଖାଇବାରେ ବ୍ୟସ୍ତ। କିଏ ଖାଇବାକୁ ଗଣ୍ଡେ ଦେଇ ଫଟୋ ଉଠାଇବାରେ ବ୍ୟସ୍ତ ତ କିଏ ବିସ୍କୁଟ ପ୍ୟାକେଟଟିଏ କି ଚାଉଳ ଦୁଇକେଜି କି ସାମାନ୍ୟ ଖାଦ୍ୟ ପୁଡ଼ିଆଟିଏ ଦେଇ ନିଜର ବଦାନ୍ୟତା ଦେଖାଇବାକୁ ସୋସିଆଲ ମିଡ଼ିଆରେ ପ୍ରସାର ପ୍ରଚାର କରିବାରେ ବ୍ୟସ୍ତ। ଏହି ସାହାଯ୍ୟକୁ ଅନ୍ୟଅର୍ଥରେ ନୁହେଁ ଯଦି ମାନବିକତା ଦୃଷ୍ଟିରେ ଦେଖାଯାଏ, ତାହେଲେ ବିପନ୍ନ ବା ଗରିବଙ୍କୁ ଦାନ କରୁଥିବା ବ୍ୟକ୍ତିଟିଏର ଏଭଳି ବିଜ୍ଞାପିତ ଚେହେରାଟେ ସୋସିଆଲ ମିଡ଼ିଆରେ ଦେଖାଇବା ଉଚିତ କି? କେବଳ ବ୍ୟକ୍ତିବିଶେଷ ନୁହେଁ ଅନେକ ସଂଗଠନ ମଧ୍ୟ ଏହି ନୀତି ଆପଣାଇବା ଦେଖାଯାଇଛି। ଅବଶ୍ୟ ସାମାଜିକ ଦୃଷ୍ଟିରୁ ଅନ୍ୟକୁ ପ୍ରେରଣା ଯୋଗାଇବା ପାଇଁ ଏଭଳି କରାଯାଉଥିବା କଥା ଯଦି କେହି ଯୁକ୍ତି ଛଳରେ କୁହେ ମାନିନେବା କିଛି ଖରାପ ନୁହେଁ କିନ୍ତୁ ଯେଉଁମାନେ ଏହି ସାହାଯ୍ୟକୁ ହାତ ପାତି ନେଉଛନ୍ତି, ସେମାନଙ୍କ କଥା ତ ଥରେ ଚିନ୍ତା କରାଯାଉ। ସେମାନେ ଖାଇବାକୁ ପାଉନାହାନ୍ତି ଠିକ୍, ସେମାନେ ସାମାଜିକ ସ୍ତରରେ ତଳେ ରହିଛନ୍ତି ଠିକ୍, ସେମାନେ ପରିସ୍ଥିତିରେ ପଡ଼ି ବିପନ୍ନ ହୋଇଛନ୍ତି, ତାହା ବି ଠିକ୍ କିନ୍ତୁ ସମାଜରେ ଯେ ସେମାନଙ୍କର ମାନସମ୍ମାନ ନାହିଁ ଏ କଥା ତ ଠିକ୍ ହୋଇ ନପାରେ। ପଚାଶ ଟଙ୍କାର ଖାଇବା ହେଉ ଅବା ଦୁଇଶହ ଟଙ୍କାର ରିଲିଫ୍ ପୁଡ଼ିଆ ହେଉ, ସେମାନଙ୍କର ବିକଳ ଚେହେରାକୁ ପଦାରେ ପକାଇବା ବେଳେ କଣ ଲାଗେ ନାହିଁ ଯେ ସେମାନେ ଜଣେ ଜଣେ ମଣିଷ, ସେମାନଙ୍କର ବି ସମ୍ମାନ ସହକାରେ ବଞ୍ଚିବାର ଅଧିକାର ରହିଛି। ସାମାନ୍ୟ ସାହାଯ୍ୟ ଟିକେ ଦେଇ ସେମାନଙ୍କର ସମ୍ମାନ ଛଡ଼େଇ ନେବାର ଉପକ୍ରମକୁ ଏଡ଼ାଇ ଦେବା ଠିକ ନୁହେଁ। ଯେଉଁମାନେ ପରିସ୍ଥିତିରେ ପଡ଼ି ହାତ ପାତିଛନ୍ତି, ସେମାନଙ୍କର ବି ସ୍ୱାଭିମାନ ଯେ ନାହିଁ ଭାବିବା ଭୁଲ୍। ଯେଉଁ ସଂଗଠନ ବା ବ୍ୟକ୍ତିବିଶେଷ ସାହାଯ୍ୟ କରିବାକୁ ଚାହୁଁଛନ୍ତି, ବିନା ଫଟୋରେ କଣ ସାହାଯ୍ୟର ହାତ ବଢ଼ାଇ ପାରିବେ ନାହିଁ। ଯେଉଁମାନେ ଏତେ ବଦାନ୍ୟତା ଦେଖାଉଛନ୍ତି, ସେମାନେ ପ୍ରକୃତରେ ନମସ୍ୟ କିନ୍ତୁ ଯଦି ଆପାତତଃ ଏଭଳି ଆତ୍ମପ୍ରଚାରରୁ ଦୂରେଇ ରହି ପାରନ୍ତେ, ସେମାନଙ୍କର ମହାନତା ଲକ୍ଷେ ପୁଣ୍ୟଠାରୁ ବି ବଳିଯାଆନ୍ତା। ମାନବ ସେବା ହିଁ ମାଧବ ସେବା ବୋଲି ଯେଉଁ ପ୍ରବାଦ ଅଛି, ତାହାକୁ ସେମାନେ କାର୍ଯ୍ୟରେ ପରିଣତ କରି ଦେଖାଇ ପାରନ୍ତେ। ଆଜିକାଲି ଯେଭଳି ଭାବରେ ସବୁକାମରେ ଯେମିତି ପ୍ରତିଯୋଗିତା ବଢ଼ିଚାଲିଛି, ସେଭଳି ମାନବିକତାର ପ୍ରତିଯୋଗିତା ଲୋକ ଦେଖାଣିଆ ଯଦି ନହୁଅନ୍ତା, ତାହେଲେ ଯେଉଁମାନେ ଏଭଳି ଧର୍ମକାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ସେମାନଙ୍କ କର୍ମର ସୁଫଳତା ମିଳିପାରନ୍ତା।







ଯେଉଁଲୋକ ଆଜି ବିପନ୍ନ ବା ସାମୟିକ ଭାବେ ଅସୁବିଧାରେ ପଡ଼ି ନିଜ ପେଟ ପାଇଁ ବଣ୍ଟାଯାଉଥିବା ଖାଦ୍ୟ ଗ୍ରହଣ କରିଛି ଓ ଫଟୋ ଉଠାଇଛି, କାଲି ଯେତେବେଳେ ନିଜ ଗୋଡ଼ରେ ଛିଡ଼ା ହୋଇ ନିଜକୁ ପ୍ରଶ୍ନ ପଚାରିବ ବା ନିଜ ସ୍ୱାଭିମାନକୁ ଦେଖିବ, ସେତେବେଳେ କଣ ସେ ନିଜକୁ ଛୋଟ ଭାବିବନି କି? ସେତେବେଳେ କଣ ସେ ଭାବିବନି କି, ପଚାଶ କି ଶହେ ଟଙ୍କାର ସାହାଯ୍ୟ ଠାରୁ ସମାଜରେ କଣ ତାର ମୂଲ୍ୟ, ସାମାଜିକ ପ୍ରତିଷ୍ଠା ବା ମାନସମ୍ମାନ ସତରେ କମ୍? ଯଦି ସେତିକି ହୋଇ ନଥାନ୍ତା, ତାହେଲେ କାହିଁକି ଦାନ ଦେଉଥିବା ଲୋକମାନେ ତାକୁ ଏମିତି ଜୋକର କରି ଫଟୋ ଉଠାଇଥାନ୍ତେ। ଯେଉଁମାନେ ବିପଦ ସମୟରେ ବିପନ୍ନଙ୍କୁ ସହାୟତା ପ୍ରଦାନ କରୁଛନ୍ତି, ସେମାନଙ୍କୁ ଶହେ ସଲାମ କିନ୍ତୁ କାହାକୁ ଦାନ ଦେବାକୁ ଯାଇ କାହାର ଗରିବ ଚେହେରାକୁ ସୋସିଆଲ ମିଡ଼ିଆରେ ବିଜ୍ଞାପିତ ନକରି ନିଜର ମହାନତାକୁ ବଜାୟ ରଖିଲେ ବୋଧେ ତାହା ଅଧିକ ଭଗବାନଙ୍କ ଦରବାରରେ ଆଦୃତ ହୋଇପାରନ୍ତା।

## ଏହି ସପ୍ତାହ, ସେହି ବର୍ଷ (ଜୁଲାଇ ୨୬ - ଅଗଷ୍ଟ ୧)

### ଏଇ ସପ୍ତାହ

ଜୁଲାଇ ୨୬, ୨୦୧୨-ସିରିଆରେ ହିଂସା ଯୋଗୁ ଗୋଟିଏ ଦିନରେ ପାଖାପାଖି ୨୦୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ।




ଜୁଲାଇ ୨୭, ୧୮୯୭-ବାଲ୍ ଗଙ୍ଗାଧର ତିଲକ ପ୍ରଥମ ଥର ପାଇଁ ଗିରଫ ହୋଇଥିଲେ।




ଜୁଲାଇ ୨୮, ୧୯୧୪-ଏହି ଦିନ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା।





ଜୁଲାଇ ୨୯, ୧୯୮୦ -ମସ୍କୋ ଅଲିମ୍ପିକରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା।




ଜୁଲାଇ ୩୦, ୧୯୦୯ -ରାଇଟ୍ ଭାତୃଦ୍ୱୟ ସେନାର ପ୍ରଥମ ବିମାନ ତିଆରି କରିଥିଲେ।



ଜୁଲାଇ ୩୧, ୧୯୯୩ -ଦେଶର ପ୍ରଥମ ଭାସମାନ ସମୁଦ୍ରୀ ସଂଗ୍ରହାଳୟକୁ କୋଲକାତା ଠାରେ ଉଦ୍‌ଘାଟନ କରାଯାଇଥିଲା।



ଅଗଷ୍ଟ ୧, ୨୦୦୬ - ଜାପାନରେ ଦୁନିଆର ପ୍ରଥମ ଭୂମିକମ୍ପ ପୂର୍ବ ଚେତାବନୀ ସେବା ଆରମ୍ଭ କରାଯାଇଥିଲା।



# ତୁମଠୁ ଆରମ୍ଭ, ତୁମଠି ଶେଷ

**ସୁକାନ୍ତ ଛାଟୋଇ**





ସେହି ନିଳାମୟ ସବୁ ସୃଷ୍ଟିର ଯିଏ ହିଁ ସ୍ରଷ୍ଟା ଯାହାଙ୍କ ଠାରୁ ସବୁକିଛିର ଆରମ୍ଭ ଆଉ ସବୁ କିଛିର ଶେଷ। ସେ ଆମ ସବୁର ମାଲିକ। ତାଙ୍କ ପାଖରେ ରହିଛି ଅଗଣିତ, ଅନନ୍ତ, ଅନ୍ତହୀନ ଯେତିକି ରହସ୍ୟ ସେତିକି ବିଶ୍ୱାସ। ତାଙ୍କୁ ଯିଏ ଡାକନ୍ତି, ଯେଉଁଠି ଡାକନ୍ତି ସେଇଠି ଶୁଣନ୍ତି। ସେ ଷାଠିଏ ପଉଟି ନିତିଦିନ ମଣୋହି କରନ୍ତି, ଠିକ ଆମ ପରି ସକାଳୁ ଉଠନ୍ତି, ଦିନ ତମାମ ସମସ୍ତ ନିତ୍ୟକର୍ମ ନିର୍ବାହ କରି ରାତିରେ ବିଶ୍ରାମ ଯାଆନ୍ତି। ମହାପ୍ରଭୁ ହେଉଛନ୍ତି ମାନବୀୟ ଲୀଳାର ଠାକୁର। ସର୍ବଧର୍ମ, ସର୍ବ ମତ ସମସ୍ତ ଚିନ୍ତା ଚେତନାର ପ୍ରତୀକ ହେଉଛନ୍ତି ଶ୍ରୀଜଗନ୍ନାଥ।

ସେ ହେଉଛନ୍ତି ଆମ ଜାତିର କୁଳ ଦେବତା, ଆମ ଦାରୁ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ କି ହିଁ ଏ ବିଶ୍ୱର ଲୀଳା। ସେ ଭକ୍ତର ଭଗବାନ। ରତ୍ନ ସିଂହାସନରେ ତୁମ ଦର୍ଶନ ପାଇଁ ପୁରୀ ଧାଇଁ ଆସେ ଭକ୍ତ। ଦର୍ଶନ କରେ, ମନ ପୁରେନି। ଅଭାବବୋଧକୁ ଧରି ଘରକୁ ଫେରେ। କଥା କହିବା, ଜନ୍ମ ଯନ୍ତ୍ରଣା ସହିବା ଆଉ ଜୀବନ ବୋଝ ବୋହିବା ପାଇଁ ଯିଏ ଶକ୍ତି ଦିଏ, ଜୀବନ ଡଙ୍ଗା ବାହିବା ପାଇଁ ଯିଏ ବଳ ଦିଏ ଜୀବନ ଚକ୍ରକୁ ମୁକ୍ତି ନିମିତ୍ତ ଯିଏ ମାର୍ଗ ଦେଖାଇଥାଏ ସିଏ ହେଉଛନ୍ତି ଶଙ୍ଖନାଭି ମଣ୍ଡଳରେ ରହିଥିବା ଜଗନ୍ନାଥ। ମହାପ୍ରଭୁ ଶ୍ରୀଜଗନ୍ନାଥ ଅସମ୍ପୂର୍ଣ୍ଣ ହୋଇ ମଧ ସେ ସ୍ୱୟଂ ସଂପୂର୍ଣ୍ଣ। ସେ ହେଉଛନ୍ତି ସମଗ୍ର ମୂର୍ତ୍ତି ତତ୍ତ୍ୱର ପ୍ରତୀକ। ସର୍ବଧର୍ମର ମୂଳାଧାର। ସର୍ବକର୍ମ ସ୍ୱରୂପ, ସର୍ବ ଜୀବ ସ୍ୱରୂପ। ସେ ସିଦ୍ଧିଦାତା ଓ ମୁକ୍ତିଦାତା। ଓଡ଼ିଶାର ସାମାଜିକ ଜୀବନ ଚେତନାରେ ସବୁଠି, ସବୁକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସୁଦୂର ପ୍ରସାରୀ। ଓଡ଼ିଶାର ଜାତୀୟ ଦେବତା ଭାବରେ ଗୃହୀତ ହେବା ପରେ ଜଗନ୍ନାଥ ଏକ ସର୍ବବ୍ୟାପୀ ଚେତନା ହୋଇ କୋଟି ଓଡ଼ିଆଙ୍କ ମାନସରେ ପ୍ରସାର ଲାଭ କରିଛନ୍ତି। ଯାହାଦ୍ୱାରା ତାଙ୍କ ପବିତ୍ର ନାମଟି ତୁଣ୍ଡରେ ଧରିବା ମାତ୍ରେ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଖେଳିଯାଏ ଅବର୍ଣ୍ଣନୀୟ ଶିହରଣ, ଆଧ୍ୟାତ୍ମିକତାର ଉନ୍ମାଦନା ଆଉ ଭାବ ବିନୋଦର ଅମୃତ ସ୍ପର୍ଶ।

ଓଡ଼ିଶାରେ ଏମିତି କେଉଁଠି ଘର ନାହିଁ ଯେଉଁଠି ସକାଳରୁ ରାତି, ଯେତେବେଳେ କେବଳ ଘରର ଲୋକମାନେ ନୁହଁନ୍ତି ଖୋଦ ଘର ବି ବିଶ୍ରାମ ନେଇଥାଏ ସେଠିବି ମହାପ୍ରଭୁ ରହିଥାନ୍ତି, ସେ ପରା ଭକ୍ତର ଅଧୀନ। ତାଙ୍କୁ ଯେଉଁ ପ୍ରାର୍ଥନା, ଯେଉଁ ସମୟରେ ଭାବ ସମର୍ପଣ ସହିତ ଜଣାଇଥାଏ ସେ ସବୁ ଶୁଣନ୍ତି ଆଉ ସବୁ ବୁଝନ୍ତି ମଧ। ଆମ ଓଡ଼ିଆ ନିତିଦିନିଆ ଜୀବନରେ ମହାପ୍ରଭୁ ଏମିତି ବସିଯାଇଛନ୍ତି ଯେ ଓଡ଼ିଆ ଘରରେ ଆମ ପରମ୍ପରାର ଏକୋଇଶା ନାମକରଣରେ ଅନେକ ମହାପ୍ରଭୁଙ୍କୁ ଟିକିଏ ରାତି ପାହିଲେ ତୁଣ୍ଡରେ ଧରିବା ପାଇଁ ସେମାନଙ୍କ ପିଲାଙ୍କ ନାମକରଣ କରିଥାନ୍ତି 'ଜଗନ୍ନାଥ', 'କାଳିଆ', 'ପୁରୁଷୋତ୍ତମ' ଏହିପରି ବିଭିନ୍ନ ନାମରେ। ପ୍ରତିଟି ଓଡ଼ିଆଙ୍କ ଶୁଭକାର୍ଯ୍ୟରେ ପ୍ରଥମ ନିମନ୍ତ୍ରଣ ମହାପ୍ରଭୁଙ୍କୁ। ପିଲାଟିର ନାମକରଣ ହେଉ ବା ଅନ୍ନପ୍ରସନ୍ନ, ଏକୋଇଶା ଠାରୁ ଜନ୍ମ ବାର୍ଷିକୀ, ଉପନୟନ ଠାରୁ ଗୃହ ପ୍ରତିଷ୍ଠା ଏବଂ ଜୀବନର ଶେଷ ଆଶ୍ରା ଓ ଶେଷ ସମୟରେ ମଧ ମହାପ୍ରଭୁଙ୍କ ନିର୍ମାଲ୍ୟ ଟିକକ ଖୋଜା ପଡ଼ିଥାଏ।

ଆମ ଓଡ଼ିଆଙ୍କ ଗାଁ ଗଣ୍ଡା ଠାରୁ ସହର ପର୍ଯ୍ୟନ୍ତ ସବୁ ଭାଗବତ ଗାଦୀର ଭାଗବତ ଗୋସେଇଁ ଭାବରେ ଶ୍ରୀଜଗନ୍ନାଥ ପୂଜା ପାଇଥାନ୍ତି। ଏହି ଛୋଟବଡ଼ ବିଭିନ୍ନ ମଠ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରହିଥିବା ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ମାସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ହିନ୍ଦୁ ଗୃହିଣୀ ତୁଳସୀ ଚଉରା ମୂଳରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ମହାପ୍ରଭୁଙ୍କ ଆୟୁଧ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଓ ବାହାନ ଗରୁଡ଼ ପ୍ରଭୃତିଙ୍କ ଚିତ୍ର ମୁରୁଜରେ ଆଙ୍କି ଆରାଧନା କରିଥାନ୍ତି। ପ୍ରତ୍ୟେକ ନୈଷ୍ଠିକ ଓଡ଼ିଆ ପ୍ରତିଦିନ ସ୍ନାନ ପରେ ନିର୍ମାଲ୍ୟ କଣିକା ଟିକିଏ ସେବନ କଲାପରେ ହିଁ ଅନ୍ନଜଳ ସ୍ପର୍ଶ କରିଥାନ୍ତି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଓଡ଼ିଆଙ୍କର ଚିର ସାଥୀ। ଶିଶୁଟିର ଜନ୍ମ ହେବାର ସପ୍ତମ ଦିବସରେ ତାହାକୁ ସ୍ନାନ କରାଇ ଅଶୌଚ ଦୋଷ ନିବାରଣ କଲାବେଳେ ତା ଓଠରେ ମହାପ୍ରଭୁଙ୍କ ନିର୍ମାଲ୍ୟ ଛୁଆଇଁ ଦିଆଯାଏ। ସେହିଦିନ ଠାରୁ ତା ଭିତରେ ଆରୋପିତ ହୁଏ ଶ୍ରୀଜଗନ୍ନାଥ ଚେତନା। ପ୍ରତିଟି ଓଡ଼ିଆ ଶେଷ ନିଃଶ୍ୱାସ ପୂର୍ବରୁ ତୁଣ୍ଡରେ ଟିକିଏ ନିର୍ମାଲ୍ୟ ପାଇବା ପାଇଁ କେତେ ବ୍ୟାକୁଳ ହୋଇଉଠିଥାଏ ! ଏହି ନିର୍ମାଲ୍ୟ ହିଁ ତାଙ୍କୁ ମୁକ୍ତି ଦେବ। ଏହି ଅଟଳ ବିଶ୍ୱାସଟି ହିଁ ବାନ୍ଧି ହୋଇଥାଏ।

ମହାପ୍ରଭୁଙ୍କ ମହାପ୍ରସାଦ ଆମ ନିତିଦିନିଆ ସମ୍ବନ୍ଧର ଅତୁଟ ଆଧ୍ୟାତ୍ମିକ ସମ୍ପର୍କ। ଓଡ଼ିଆଙ୍କ ସାମାଜିକତାରେ ଏହା ହେଉଛି ମହାପ୍ରସାଦ ନିର୍ବନ୍ଧ। ଏହି ନିର୍ବନ୍ଧ ପରେ ଯେଉଁପକ୍ଷ ପ୍ରସ୍ତାବ ଭାଙ୍ଗି ଦିଏ ସେହି ପକ୍ଷ ଜଗନ୍ନାଥଙ୍କ ପାଖରେ ଦ୍ରୋହୀ ହୁଏ ବୋଲି କାଳ କାଳର ବିଶ୍ୱାସ ରହିଛି। ଅନେକ କ୍ଷେତ୍ରରେ ଜାତକ ଅମେଳ ହେଲେ 'ସର୍ବମଙ୍ଗଳ ଜଗନ୍ନାଥ' କହି ବିବାହ ପ୍ରସ୍ତାବକୁ ବିଶ୍ୱାସର ସହ ଆଗେଇ ନିଆଯାଇଥାଏ। ଝିଅ ଘରୁ ଯେଉଁ ପ୍ରଥମ ଭାରଟି ଯାଇଥାଏ ସେଥିରେ ପ୍ରଥମେ ଓ ଶ୍ରଦ୍ଧାର ପ୍ରେରଣୀୟ ବସ୍ତୁ ହେଉଛି ମହାପ୍ରସାଦ। ଏହି ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ଓଡ଼ିଆ ମାନଙ୍କ ପାଇଁ ଅମୃତତୁଲ୍ୟ।

ମହାପ୍ରସାଦ ଦ୍ୱାରା କେବଳ ସୂର୍ଯ୍ୟବନ୍ଧୁ ଭାଇଚାରା ପରିବେଶକୁ ବଢ଼ାଇ ନଥାଏ ବରଂ ଏ ଦୁନିଆରେ ଗୋଟିଏ ହିଁ ଜାତି ତାହା ଯେ ମଣିଷ ଜାତି ଏହି ମାନବୀୟ ମୂଲ୍ୟବୋଧ ଶିକ୍ଷା ଦେଇଥାଏ ଜଗନ୍ନାଥ ଚେତନା। ଆବହମାନ ସମୟରୁ ବିଶ୍ୱାସ ଅଛି ମୃତ୍ୟୁବେଳେ ମହାପ୍ରଭୁଙ୍କ ନାମ ନେଲେ ଯମଦଣ୍ଡରୁ ମୁକ୍ତି ମିଳେ ଓ ଆତ୍ମା ବୈକୁଣ୍ଠଗାମୀ ହୁଏ ବୋଲି ବିଶ୍ୱାସ ଥିବାରୁ ମୃତ୍ୟୁବେଳେ ସଭିଏଁ 'ଜଗନ୍ନାଥ ନାମଟି ସ୍ମରଣ କରିଥାନ୍ତି। ଓଡ଼ିଆର ପ୍ରତିଟି କ୍ଷେତ୍ର ପ୍ରତିଟି ଭାବନା, ପ୍ରତିଟି ଚିନ୍ତା ସର୍ବୋପରି ସମାଜର ପ୍ରତି କ୍ଷେତ୍ରରେ ରହିଛି ଶ୍ରୀଜଗନ୍ନାଥଙ୍କ ପ୍ରଭାବ। ଆମ ସବୁଠି ଶ୍ରୀ ଜଗନ୍ନାଥ ଚେତନା ମିଶି ଏକ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କୁ ଅଲଗା କରି ଓଡ଼ିଆ ସଂସ୍କୃତିର ସ୍ଥିତି ଚିନ୍ତା କରାଯାଇପାରେନା। ସେଥିପାଇଁ ଓଡ଼ିଶାର ସଂସ୍କୃତିକୁ କୁହାଯାଏ ଶ୍ରୀଜଗନ୍ନାଥ ସଂସ୍କୃତି। ଆମ ମହାପ୍ରଭୁ, ଆମ ଶ୍ରୀଜଗନ୍ନାଥଙ୍କୁ ନେଇ ଆମେ ବିଦେଶରେ ପରିଚିତ ହୋଇଥାଉ। ସତରେ ତାଙ୍କୁ ନେଇ ହିଁ ଆମର ପରିଚୟ। ତାଙ୍କ ଶିକ୍ଷା ହେଉଛି ଶାନ୍ତି, ମୈତ୍ରୀ, ମାନବିକତା ପ୍ରତିଷ୍ଠା ଦିଗରେ ସମସ୍ତେ ଆଗେଇ ଚାଲନ୍ତୁ । ମହାପ୍ରଭୁଙ୍କ ଆନନ୍ଦ ଅମୃତ ଚେତନା ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତି ଏହି ସଂସ୍କୃତି ଶିକ୍ଷା ଦେଇଥାଏ ଯେ ଭାବରେ, ପୂର୍ଣ୍ଣ ହୃଦୟରେ, ନିଃସ୍ୱାର୍ଥପର ସହିତ ଯିଏ ତାଙ୍କୁ ଖୋଜିଛି, ଲୋଡ଼ିଛି, ଆତ୍ମ ନିବେଦନ କରିଛି ସେ ତାର ସବୁକିଛି ବୁଝିଛନ୍ତି। ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ଆଜି ମାନବ ବିଶ୍ୱ ମାନବ ହେବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନ।

**ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତିଟି ଓଡ଼ିଆ ଘରର ଗୃହ ଇଷ୍ଟ ଦେବତା, ଠାକୁର ଘରର ମୁରବୀ। ସବୁ କିଛି ହିଁ ସେ। ଶ୍ରୀଜଗନ୍ନାଥ ଉତ୍କଳୀୟ ସାହିତ୍ୟ ସଂସ୍କୃତି, ଧର୍ମ, ଦର୍ଶନ, ଭାବ ଓ ଭକ୍ତିର କେବଳ ପ୍ରାଣକେନ୍ଦ୍ର ନୁହଁନ୍ତି। ସର୍ବଧର୍ମ ସମନ୍ୱୟର ପ୍ରତୀକ ସେ । ଏବେ ଜଗନ୍ନାଥ ସଂସ୍କୃତି ବିଶ୍ୱ ସଂସ୍କୃତି ଭାବରେ ସ୍ୱୀକୃତି ଲାଭ କରିଛି। ଶ୍ରୀଜଗନ୍ନାଥ ଜାତି, ବର୍ଣ୍ଣ, ଧର୍ମ, ନିର୍ବିଶେଷରେ ସମସ୍ତଙ୍କ ଦୃଷ୍ଟିଭଙ୍ଗୀରେ ସ୍ୱାଭିଳାଷିତ ରୂପରେ ବିଦ୍ୟମାନ।**

ପୋପରଡ଼ା, ନୂଆ ବଜାର, କଟକ,
ଦୂରଭାଷ : ୮୨୪୯୨୬୦୬୨୧
E-mail : chhatoi.sukanta@yahoo.co.in

# ସୁନାବେଶ : ଶ୍ରୀଜଗନ୍ନାଥ ସଂସ୍କୃତିରେ ଐଶ୍ୱର୍ଯ୍ୟ ଓ ଆଧ୍ୟାତ୍ମିକତାର ମହାସମନ୍ୱୟ



ଡ.ହରିପ୍ରିୟା ସେଠୀ

**ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଶାର ଆଧ୍ୟାତ୍ମିକ ଚେତନା, ସାମାଜିକ ସମନ୍ୱୟ ଓ ସାଂସ୍କୃତିକ ଐକ୍ୟର ମହାନ ପ୍ରତୀକ। ମହାପ୍ରଭୁ ଜଗନ୍ନାଥ କେବଳ ଏକ ଆରାଧ୍ୟ ଦେବତା ନୁହଁନ୍ତି, ସେ ଓଡ଼ିଆ ଜାତିର ଜୀବନଦର୍ଶନ, ସହିଷ୍ଣୁତା ଓ ସର୍ବଧର୍ମ ସମନ୍ୱୟର ମୂର୍ତ୍ତ ପ୍ରତୀକ। ବର୍ଷସାରା ମହାପ୍ରଭୁଙ୍କର ଅନେକ ବେଶ ହୋଇଥାଏ, କିନ୍ତୁ ସେଥିମଧ୍ୟରୁ ସୁନାବେଶ ସବୁଠାରୁ ଐଶ୍ୱର୍ଯ୍ୟମୟ, ଆକର୍ଷଣୀୟ ଓ ଦାର୍ଶନିକ ମହତ୍ତ୍ୱରେ ସମୃଦ୍ଧ। ରଥଯାତ୍ରା ପରେ ବାହୁଡ଼ା ଏକାଦଶୀ ତିଥିରେ ରଥ ଉପରେ ମହାପ୍ରଭୁଙ୍କ ଏହି ସ୍ୱର୍ଣ୍ଣାଳଙ୍କାର ବେଶ ଲକ୍ଷ ଲକ୍ଷ ଭକ୍ତଙ୍କୁ ଆଧ୍ୟାତ୍ମିକ ଆନନ୍ଦରେ ଆପ୍ଲୁତ କରିଥାଏ।**



## ସୁନାବେଶର ଐତିହାସିକ ପୃଷ୍ଠଭୂମି

ଇତିହାସ ଅନୁସାରେ ଗଜପତି ମହାରାଜା କପିଳେନ୍ଦ୍ର ଦେବ ବିଜୟଯାତ୍ରାରୁ ଫେରିବା ପରେ ମହାପ୍ରଭୁଙ୍କ ପ୍ରତି କୃତଜ୍ଞତାସ୍ୱରୂପ ବିପୁଳ ପରିମାଣର ସ୍ୱର୍ଣ୍ଣ ଅଳଙ୍କାର ଅର୍ପଣ କରିଥିଲେ। ସେହି ପରମ୍ପରା କ୍ରମେ ସୁନାବେଶ ଭାବରେ ପ୍ରତିଷ୍ଠିତ ହୋଇଥିଲା। ପରବର୍ତ୍ତୀ ଗଜପତି ରାଜାମାନେ ମଧ୍ୟ ଏହି ପରମ୍ପରାକୁ ସମୃଦ୍ଧ କରିଥିଲେ। ଏହା କେବଳ ରାଜକୀୟ ଐଶ୍ୱର୍ଯ୍ୟର ପ୍ରଦର୍ଶନ ନୁହେଁ, ବରଂ ରାଜଶକ୍ତିର ଈଶ୍ୱରଙ୍କ ପ୍ରତି ସମର୍ପଣର ଏକ ଅନନ୍ୟ ନିଦର୍ଶନ।

## ସୁନାବେଶର ସ୍ୱରୂପ

ସୁନାବେଶରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ବିଭିନ୍ନ ସ୍ୱର୍ଣ୍ଣାଳଙ୍କାରରେ ଶୋଭିତ କରାଯାଏ। ଶ୍ରୀଜଗନ୍ନାଥଙ୍କ ହାତରେ ସୁନାର ଚକ୍ର ଓ ଶଙ୍ଖ, ଶ୍ରୀବଳଭଦ୍ରଙ୍କ ହାତରେ ହଳ ଓ ମୁଷଳ, ମସ୍ତକରେ ସ୍ୱର୍ଣ୍ଣମୁକୁଟ, ବକ୍ଷଦେଶରେ ହାର, ବାହୁରେ ବାହୁଟି ଓ ବିଭିନ୍ନ ଅଳଙ୍କାର ପରିଧାନ କରାଯାଏ। ଦେବୀ ସୁଭଦ୍ରାଙ୍କୁ ମଧ୍ୟ ସୁନାର ମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାରରେ ସଜ୍ଜିତ କରାଯାଏ। ଏହି ଦୃଶ୍ୟ ଭକ୍ତମାନଙ୍କ ମନରେ ଦିବ୍ୟ ଚେତନା ଓ ଭକ୍ତିଭାବ ସୃଷ୍ଟି କରେ।

## ଦାର୍ଶନିକ ତାତ୍ପର୍ଯ୍ୟ

ସୁନାବେଶର ପ୍ରକୃତ ମହତ୍ତ୍ୱ ସ୍ୱର୍ଣ୍ଣରେ ନୁହେଁ, ବରଂ ଏହାର ଆଧ୍ୟାତ୍ମିକ ବାର୍ତ୍ତାରେ ନିହିତ। ସୁନା ମାନବ ସମାଜରେ ଐଶ୍ୱର୍ଯ୍ୟ, ତେଜ, ପବିତ୍ରତା ଓ ସ୍ଥାୟିତ୍ୱର ପ୍ରତୀକ। ମହାପ୍ରଭୁ ସୁନାବେଶରେ ଭକ୍ତଙ୍କୁ ଶିକ୍ଷା ଦିଅନ୍ତି ଯେ ସମସ୍ତ ଧନ-ସମ୍ପଦର ପ୍ରକୃତ ଅଧିକାରୀ ପରମେଶ୍ୱର। ମଣିଷ ଧନର ଅହଙ୍କାର ନକରି ତାହାକୁ ଲୋକମଙ୍ଗଳରେ ବିନିଯୋଗ କରିବା ଉଚିତ। ଜଗନ୍ନାଥ ଦର୍ଶନରେ ଐଶ୍ୱର୍ଯ୍ୟ ଓ ବୈରାଗ୍ୟ ପରସ୍ପର ବିରୋଧୀ ନୁହେଁ; ବରଂ ପରସ୍ପରର ପରିପୂରକ। ଯିଏ ରତ୍ନସିଂହାସନର ଅଧିପତି, ସେହି ମହାପ୍ରଭୁ ପୁଣି ଦାରୁବ୍ରହ୍ମ ରୂପେ ସରଳ ଜୀବନର ମଧ୍ୟ ଆଦର୍ଶ। ଏହି ଦ୍ୱୈତ ଭାବନା ହିଁ ଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ।

## ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ

ସୁନାବେଶ ଅବସରରେ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଅଞ୍ଚଳ ନିର୍ବିଶେଷରେ ଅସଂଖ୍ୟ ଭକ୍ତ ଏକତ୍ରିତ ହୁଅନ୍ତି। ଏହା ଭାରତୀୟ ସଂସ୍କୃତିର 'ବସୁଧୈବ କୁଟୁମ୍ବକମ୍' ଆଦର୍ଶକୁ ପ୍ରତିଫଳିତ କରେ। ଏହି ଦିନ ପୁରୀ ଏକ ବିଶ୍ୱ ଆଧ୍ୟାତ୍ମିକ କେନ୍ଦ୍ରରେ ପରିଣତ ହୁଏ। ସୁନାବେଶ କେବଳ ଧାର୍ମିକ ଉତ୍ସବ ନୁହେଁ; ଏହା ଓଡ଼ିଶାର କଳା, କାରୁକାର୍ଯ୍ୟ, ସ୍ୱର୍ଣ୍ଣଶିଳ୍ପ, ଲୋକପରମ୍ପରା ଓ ମନ୍ଦିର ସେବା ପରମ୍ପରାର ଏକ ଅନନ୍ୟ ପରିଚୟ। ଏହି ଉତ୍ସବ ପର୍ଯ୍ୟଟନ, ସ୍ଥାନୀୟ ଅର୍ଥନୀତି ଓ ସାଂସ୍କୃତିକ ଆଦାନ-ପ୍ରଦାନକୁ ମଧ୍ୟ ସମୃଦ୍ଧ କରିଥାଏ।

## ସୁନାବେଶ ଓ ଭକ୍ତିଦର୍ଶନ

ଭକ୍ତି ସାହିତ୍ୟରେ ଭଗବାନଙ୍କୁ ସର୍ବୈଶ୍ୱର୍ଯ୍ୟର ଅଧିପତି ବୋଲି ବର୍ଣ୍ଣନା କରାଯାଇଛି। ସୁନାବେଶ ସେହି ଐଶ୍ୱର୍ଯ୍ୟର ଏକ ଦୃଶ୍ୟମାନ ରୂପ। କିନ୍ତୁ ଭକ୍ତଙ୍କ ଦୃଷ୍ଟିରେ ସୁନା ନୁହେଁ, ମହାପ୍ରଭୁଙ୍କ କରୁଣା ହିଁ ପ୍ରକୃତ ସମ୍ପଦ। ସେଥିପାଇଁ ସୁନାବେଶ ଦର୍ଶନ ଭକ୍ତଙ୍କୁ ବାହ୍ୟ ଐଶ୍ୱର୍ଯ୍ୟରୁ ଅନ୍ତରର ଐଶ୍ୱର୍ଯ୍ୟ ଆଡ଼କୁ ନେଇଯାଏ। ଏହା ଭକ୍ତି, ବିନୟ ଓ ସମର୍ପଣର ସାଧନାକୁ ଆହୁରି ଗଭୀର କରେ।

## ସମକାଳୀନ ପ୍ରାସଙ୍ଗିକତା

ଆଜିର ଭୋଗବାଦୀ ସମାଜରେ ସୁନାବେଶର ବାର୍ତ୍ତା ଅତ୍ୟନ୍ତ ପ୍ରାସଙ୍ଗିକ। ମଣିଷ ଧନ ସଂଗ୍ରହରେ ବ୍ୟସ୍ତ, କିନ୍ତୁ ଆତ୍ମିକ ଶାନ୍ତିରୁ ଦୂରେଇ ଯାଉଛି। ସୁନାବେଶ ଆମକୁ ସ୍ମରଣ କରାଏ ଯେ ଧନର ପ୍ରକୃତ ମୂଲ୍ୟ ତ୍ୟାଗ, ସେବା ଓ ଧର୍ମାଚରଣରେ। ଧନ ଯଦି ଲୋକହିତରେ ବ୍ୟବହୃତ ହୁଏ, ତେବେ ତାହା ସାର୍ଥକ; ନଚେତ ତାହା କେବଳ ଅହଙ୍କାରର କାରଣ।

ସୁନାବେଶ ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତିର ଏକ ଅଦ୍ୱିତୀୟ ଐତିହ୍ୟ। ଏହା କେବଳ ସ୍ୱର୍ଣ୍ଣାଳଙ୍କାରର ଜାକଜମକ ନୁହେଁ; ଏହା ଭକ୍ତି, ସମର୍ପଣ, ଐଶ୍ୱର୍ଯ୍ୟ, ବିନୟ ଓ ମାନବତାର ଏକ ଗଭୀର ଦର୍ଶନ। ସୁନାବେଶ ଆମକୁ ଶିଖାଏ ଯେ ସମସ୍ତ ବୈଭବର ଉତ୍ସ ପରମେଶ୍ୱର ଏବଂ ମଣିଷର ପ୍ରକୃତ ଅଳଙ୍କାର ହେଉଛି ସଦାଚାର, ଦୟା, ପ୍ରେମ ଓ ଭକ୍ତି। ସେହିପରି ସୁନାବେଶ କେବଳ ଏକ ଉତ୍ସବ ନୁହେଁ; ଏହା ଆଧ୍ୟାତ୍ମିକ ଚେତନାର ଏକ ଉଜ୍ଜ୍ୱଳ ମହାପର୍ବ, ଯାହା ଯୁଗେ ଯୁଗେ ମାନବ ସମାଜକୁ ସତ୍ୟ, ଶିବ ଓ ସୁନ୍ଦରର ପଥରେ ପ୍ରେରଣା ଯୋଗାଇ ଆସିଛି।

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ନନ୍‌ଫର୍ମାଲ ସ୍କୁଲ ମାଷ୍ଟରରୁ ଭେଟେରାନ୍ କଳାକାରଃ ଗୌର ପାଢ଼ୀ

ଦୀର୍ଘ ୩୮ବର୍ଷ ତଳର କଥା। ନନ୍‌ଫର୍ମାଲ ସ୍କୁଲରେ ଥିଲି ମାଷ୍ଟର। ପିଲାଙ୍କୁ ପାଠ ପଢ଼ାଉଥିଲି, ଗାଁରେ ଡ୍ରାମା କରୁଥିଲି। ନିପଟ ମଫସଲର ଗାଁ ତେଲିସିଂହା, ଆନନ୍ଦପୁର, କେନ୍ଦୁଝରରେ ମୋର ଜନ୍ମ। ସେତେବେଳେ ଗାଁ ଭଲ ତ ଆମେ ଭଲ, ଗାଁର ଆଖଡ଼ାଶାଳ ଭଲ। ସେହି ମଫସଲୀ ଗାଁର ପିଲା ହୋଇ ବି ଗ୍ରାଜୁଏସନ୍ ଯାଏ କଷ୍ଟକରି ପାଠ ପଢ଼ିଲି। ଚାକିରି ବି ଦୁଇବର୍ଷ କଲି ଦାମନଯୋଡ଼ିରେ। ସେଠି ମନ ଲାଗିଲାନି, ମା ଡ଼ାକିଲା ତ ଗାଁ ଡ଼ାକିଲା। ପିଲାଙ୍କୁ ପାଠ ପଢ଼େଇବା ସହ ଗାଁର ଡ୍ରାମା କରି କମ୍ପିଟେସନ୍‌କୁ ଗଲି। ନାଟକ ସେତେବେଳେ ଏତେ ମାୟାରେ ବାନ୍ଧି ରଖିଲା ଯେ, ଶେଷରେ ବାଧ୍ୟ ହେଲି ଯାତ୍ରାପାର୍ଟିରେ ଯୋଗଦେବାକୁ। ସେୟା ହେଲା ଓଡ଼ିଶାରେ ଚହଳ ସୃଷ୍ଟି କରୁଥିବା ଓଡ଼ିଶା ଅପେରା ଆମ ଗାଁ ଠାରୁ ମାତ୍ର କେତେମାଇଲ ଦୂରରେ ଥିଲା। ଆମେ ଡ୍ରାମା କମ୍ପିଟେସନରେ ସେହି ପାଖ ଗାଁକୁ ଯାଇଥିଲୁ। ମୋ ଅଭିନୟ ଦେଖି ଦିନେ ଓଡ଼ିଶା ଅପେରାରୁ ଡ଼ାକରା ଆସିଲା। ବାସ୍, ସେହିଦିନରୁ ଯାତ୍ରାରେ ଯୋଗ ଦେଇଛି ତ ଦେଇଛି, ଆଉ କେବେ ପଛକୁ ଫେରିନାହିଁ। ମୋର ଅନେ ଅଛି, ସେତେବେଳେ 'ଶ୍ରୀକୃଷ୍ଣ ଆସୁଛନ୍ତି' ବୋଲି ନାଟକର ମୁଁ ନାୟକ ଭୂମିକାରେ ଅଭିନୟ କରୁଥାଏ। ରମେଶ ପାଣିଗ୍ରାହୀଙ୍କର ଏହି ନାଟକ ଦେଖିବା ପାଇଁ ଓଡ଼ିଶାର କୋଣ ଅନୁକୋଣର ଲୋକେ ପାଗଳ ପ୍ରାୟ ହୋଇଯାଉଥିଲେ। ଏହି ନାଟକର ଅଭିନୟ ମୋ ପାଇଁ ଥିଲା ଏକ ସୁବର୍ଣ୍ଣସୁଯୋଗ। ମୋତେ ଏତେ ଉତ୍ସାହିତ କରିଥିଲା, ମୁଁ ଆଉ କେବେ ଯାତ୍ରାରୁ ଫେରିବାକୁ ଚାହିଁଲି ନାହିଁ। ଏଭଳି ଅନେକ ଅନୁଭବର କଥା କୁହନ୍ତି ଭେଟେରାନ୍ କଳାକାର ଗୌର ପାଢ଼ୀ। କଥା କହିଲେ ରାତି ସରିବନି ଭଳି ତାଙ୍କର ଅନୁଭବର ପ୍ରଗଳ୍ଭତା ଥିଲା ଅନେକ। ନାୟକରୁ ଚରିତ୍ର ଅଭିନେତା ପର୍ଯ୍ୟନ୍ତ ଦୀର୍ଘଦିନର କାହାଣୀ ପଛରେ ରହିଛି ଅନେକ ଘାତପ୍ରତିଘାତର ପ୍ରତିଛବି। ଓଡ଼ିଶା ଅପେରାରରେ ଶ୍ରୀକୃଷ୍ଣ ଆସୁଛନ୍ତି, ବାହା ନହୋଇ ବିଧବା ହେଲି, ମରୁନଦୀର ଡ଼ଙ୍ଗା, ନଅ ଛଅ ପନ୍ଦର ଆଦି ନାଟକରେ ଅଭିନୟ କରିବା ସହ ସେ ଦୁଇବର୍ଷ ପରେ ଜୟ ମା ମଙ୍ଗଳା ଗଣନାଟ୍ୟରେ ଯୋଗ ଦେଲେ। ପରେ ପରେ ବୁଦ୍ଧେଶ୍ୱର, ତାରପୁର ପରେ ଓଡ଼ିଶା ଅପେରାକୁ ଫେରିଥିଲେ। ଓଡ଼ିଶା ଅପେରା ଛାଡ଼ି ଶିବାନୀ, କଳିଙ୍ଗ, ଅପେରା ମା ତାରିଣୀ ପରେ ବିଶ୍ୱ ଦରବାରରେ ଅଭିନୟ ଜାରି ରଖିଛନ୍ତି। ଯେଉଁମାନେ ଦେଖିଛନ୍ତି....ଡିଏସ୍‌ପି ରମା, ଏତେ ସପନକୁ ରାତି କାହିଁ, ଛଅଖଣ୍ଡ କାଠରେ ହେବ ସବାରୀ, ମୋ ପେଁକାଳୀ ବଜେଇ ଦେ, ଟିକିଲି ଅପା, ବୁଢ଼ାବର, ଫୁଲ ବଉଳବେଣୀ, ମେଘ ବରଷିଲା ଟୁପୁରୁଟାପର, ଚରିତ୍ରହୀନା, ବାବୁ ମୋତେ ଭୁଲିଗଲେ, ଶାମୁକା ଝୁରୁଛି ସାଗରକୂଳେ, ଫଗୁଣ ଦେଇଛି ପହିଲି ଚିଠି, ଏ ରଙ୍ଗ ରହିଲେ ହେଲା, ଜୀଅନ୍ତା ଭୂତ, ଗୁଡ୍‌ମର୍ଣ୍ଣି ଅଙ୍କଲ, ଅଧା ସପନରେ ପାହିଲା ରାତି, ମୁଠାଏ ଭାତ, କେମିତି ଚାଲିଛି କଳିଙ୍ଗନଗର, ତୁ ତ ଜଗତଯାକର ରାଣୀ, ଅଙ୍ଗନବାଡ଼ି ଦିଦି, ଅବୁଝା ଆଖିର ଅବୁଝା କଥା, ମୃତ୍ୟୁପରେ ମଣିଷ, ବଡ ଆଶା ମୋର ଶରଧାବାଲି, ମଝିନଈରେ ଘର, ବେଶ୍ୟା ପାଳୁଛି ସାବିତ୍ରୀବ୍ରତ...ସେମାନେ ହିଁ ଗୌର ପାଢ଼ୀଙ୍କ ଅଭିନୟ ଇତିହାସ କଥା କହିପାରିବେ।





'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ- 'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com